ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.126 Bhubaneswar Friday June 23 2023 | ୨୬ତମ ବର୍ଷ ସଂଖ୍ୟା-୧୨୬ ଭୁବନେଶ୍ୱର, ଶୁକ୍ରବାର, ଜୁନ ୨୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ବିଜେଡିକୁ ଘାରିଛି ଗୋଷ୍ଠୀ କନ୍ଦଳ ଭୟ: ୭୯ ଆସନ ପାଇଁ ଦଳୀୟ ନେତାଙ୍କୁ ଆଗୁଆ ଗ୍ରୀନ ସିଗନାଲ




ଭୁବନେଶ୍ୱର,୨୨।୬(ପି.ଏନ): ସାଧାରଣ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି କରୁଥିବା ଶାସକ ବିଜେଡି ଏବେ ଦଳୀୟ ଗୋଷ୍ଠୀକନ୍ଦଳକୁ ପ୍ରଶମିତ କରିବା ଓ ଦଳଡିଆଁ ଉପରେ ନିୟନ୍ତ୍ରଣ ନିମନ୍ତେ ଅଧାରୁ ଅଧିକ ବିଧାନସଭା ଆସନରେ ଆଗୁଆ ଦଳୀୟ ପ୍ରାର୍ଥୀଙ୍କୁ ଗ୍ରୀନ୍ ସିଗନାଲ ଦେଇଛି । ବିଜେଡି ଇତିହାସରେ ପ୍ରଥମଥର ପାଇଁ ଦଳ ନିଜର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ପ୍ରସ୍ତୁତ ରହିବାକୁ ଆଗୁଆ ସଙ୍କେତ ଦେଇଛି । ଅକ୍ଷୟ ତୃତୀୟାରୁ ରଥଯାତ୍ରା ମଧ୍ୟରେ ୩ଥରରେ ମୋଟ୍ ୭୯ଜଣ ନେତାଙ୍କୁ ଆଗାମୀ ନିର୍ବାଚନ ପାଇଁ ଗ୍ରୀନ୍ ସିଗନାଲ ଦେଇଥିବାବେଳେ ସେଥିରୁ ୭ଜଣ ଅଣବିଧାୟକ ବୋଲି ବିଜେଡି ସୂତ୍ରରୁ ସୂଚନା ମିଳିଛି । ତେବେ ବିଜେଡି ନେତୃତ୍ୱ ଯେଉଁ ଢଙ୍ଗରେ ଗ୍ରୀନ୍ ସିଗନାଲ ଦେଉଛନ୍ତି ତାହା ଗ୍ରୀନ୍ ସିଗନାଲ ପାଉଥିବା ଦଳର କିଛି ନେତାଙ୍କ ଦ୍ୱନ୍ଦ୍ୱ ଓ ଆଶଙ୍କା ବଢ଼ାଇ ଦେଇଛି । ବିଜେଡି ସୂତ୍ର ଅନୁସାରେ, ବିଜେଡି ସୁପ୍ରିମୋ ଗତ ଅକ୍ଷୟ ତୃତୀୟା ତିଥିରୁ ଦଳୀୟ ଟିକେଟ୍ ଆଶାୟୀ ନିଜର କିଛି ବିଧାୟକ ଓ ନେତାମାନଙ୍କୁ ନବୀନ ନିବାସ ଡାକି ଆଗାମୀ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି । "ଆପଣଙ୍କ ସର୍ଭ ?ରେ ଭଲ ଆସିଛି । ଏରିଆରେ ଅଧିକ ଫୋକସ କରନ୍ତୁ । ଯେଭଳି ମାର୍ଜିନ୍ ଅଧିକ ରହିବ ତାହା ଦେଖନ୍ତୁ ।" ନବୀନ ନିବାସ ଡକାଯାଇ ଯେଉଁ ନେତାମାନଙ୍କୁ ଏହି ୩ପଦ କଥା କୁହାଯାଉଛି ସେମାନେ ବେଶ୍ ଉତ୍ସାହିତ ହୋଇ ଫେରୁଛନ୍ତି । କେତେକ ଏହାକୁ ଆଗାମୀ ନିର୍ବାଚନ ପାଇଁ ଟିକେଟ୍ କନଫର୍ମ ବୋଲି ଭାବୁଥିବାବେଳେ ଆଉ କିଛି ସେମାନଙ୍କ ଅଂଚଳରେ ଚାଲିଥିବା ସମାନ୍ତରାଳ ସଂଗଠନକୁ ପ୍ରଶମିତ କରିବା ନିମନ୍ତେ ଦଳ ପକ୍ଷରୁ ଏହା ସୁଚିନ୍ତିତ ରଣନୀତି ଭାବେ ବିବେଚନା କରୁଛନ୍ତି । ଅବଶ୍ୟ ଯେଉଁ ନେତାମାନଙ୍କୁ ନବୀନ ନିବାସ ଡକାଯାଉଛି, ସେଥିରୁ କିଛି ନେତାଙ୍କୁ ନିବୀନ ନିବାସର କର୍ମଚାରୀଙ୍କ ଦ୍ୱାରା ଫୋନ୍ କଲ୍ ଯାଉଥିବାବେଳେ ଆଉ କିଛି ନେତାଙ୍କୁ ଦଳର ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ମାଧ୍ୟମରେ କଲ୍ ଯାଉଥିବା ଜଣାପଡ଼ିଛି । ଅକ୍ଷୟ ତୃତୀୟାରେ 'ଶଙ୍ଖ ଭବନ' ଉଦଘାଟନ ଦିନ ସକାଳେ ମୋଟ ୪୫ଜଣ ବିଧାୟକଙ୍କୁ ନବୀନ ନିବାସ ଡକାଯାଇ ଏହି ୩ପଦ କଥା କହିଥିବାବେଳେ ମେ' ଶେଷ ସପ୍ତାହରେ ଆଉ ୧୩ଜଣ ଏବଂ ରଥଯାତ୍ରା ଓ ତା'ପରଦିନ ଅପରାହ୍ନରେ ଆଉ ୨୧ଜଣ ବିଧାୟକ ଓ ନେତାଙ୍କୁ ଡାକି ଏଭଳି ଭରସା ଦେଇଛନ୍ତି ।

## ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି ଶ୍ରୀବିଗ୍ରହ



ପୁରୀ,୨୨।୬(ପି.ଏନ): ଶ୍ରୀଜିଉଙ୍କ ଆଡ଼ପ ବିଜେ । ଜନ୍ମବେଦୀରେ ଚାଲିବ ଲୀଳାଖେଳା । ରଥଯାତ୍ରାର ଆଜି ତୃତୀୟ ଦିନରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି ଶ୍ରୀବିଗ୍ରହ । ପରମ୍ପରା ଅନୁସାରେ ସନ୍ଧ୍ୟା ଧୂପ ପରେ ରଥରୁ ଘୋଡା ଖୋଲାଯାଇ ଚାରମାଳ ବନ୍ଧାଯାଇଥିଲା । ଏହାପରେ ପୁଷ୍ପାଞ୍ଜଳି ବନ୍ଦାପନା ଅନୁଷ୍ଠିତ ହୋଇ ଆରମ୍ଭ ହୋଇଥିଲା ପହଣ୍ଡି ନୀତି । ପ୍ରଥମେ ଚଳନ୍ତି ପ୍ରତିମା ମଦନମୋହନ, ରାମ କୃଷ୍ଣ ଶ୍ରୀଗୁଣ୍ଡିଚାକୁ ବିଜେ କରିବା ପରେ ଗୋଟି ପହଣ୍ଡିରେ ଯାଇଥିଲେ ଚକ୍ରରାଜ ସୁଦର୍ଶନ । ଘଣ୍ଟ, ଘଣ୍ଟା ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି । ଏହାପରେ ଟାହିଆ ଲଗାଇ ଶ୍ରୀଗୁଣ୍ଡିଚା ବିଜେ କରିଥିଲେ ବଡ଼ଭାଇ ବଳଭଦ୍ର । ଦେବୀ ସୁଭଦ୍ରାଙ୍କ ପରେ ଶେଷରେ ଶ୍ରୀଜଗନ୍ନାଥ ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ । ଆସନ୍ତାକାଲି ସକାଳୁ ଆଡ଼ପ ମଣ୍ଡପରେ ମହାପ୍ରଭୁ ଦର୍ଶନ ଦେବାପରେ ସଂଧାରେ ହେବ ବନକଲାଗି ନୀତି । ଏଥିପାଇଁ ସଂଧାରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

## ଓଡିଶା ଛୁଇଁଲା ମୌସୁମୀ ବାୟୁ, ୨ଦିନ ମଧ୍ୟରେ ସବୁ ଜିଲ୍ଲାରେ କରିବ ପ୍ରବେଶ



ଭୁବନେଶ୍ୱର,୨୨।୬(ପି.ଏନ): ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଛି। ଆଜି ଓଡିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୨ ଦିନ ମଧ୍ୟରେ ମୌସୁମୀ ବାୟୁ ସାରା ଓଡିଶାକୁ ଅଗ୍ରସର ହେବ। ଆଜି ମାଲକାନଗିରି, କୋରାପୁଟ, ଗଜପତି ଜିଲ୍ଲାକୁ ମୌସୁମୀ ପ୍ରବେଶ କରିଛି। ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଆଗାମୀ ୨୪ ଘଣ୍ଟା ଭିତରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

### ରାଜ୍ୟ ଆହାର ସୋସାଇଟିକୁ ୨୦କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୬(ପି.ଏନ): ରାଜ୍ୟ ଆହାର ସୋସାଇଟିକୁ ୨୦କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟର ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ପରିଚାଳନା ପାଇଁ ଗଠିତ ରାଜ୍ୟସ୍ତରୀୟ ଆହାର କମିଟିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ୨୦୧୫-୧୬ରୁ ୨୦୨୧-୨୨ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହାର କାର୍ଯ୍ୟକ୍ରମ ପାଇଁ ୨୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ଏକ ଅତ୍ୟନ୍ତ ଲୋକପ୍ରିୟ କାର୍ଯ୍ୟକ୍ରମ । ସହର ମାନଙ୍କରେ ହସ୍ପିଟାଲ, ବସଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ଗହଳି ସ୍ଥାନରେ ଜରୁରୀ କାର୍ଯ୍ୟ ପାଇଁ ଯାଇଥିବା ଗରିବ ଲୋକମାନେ ଏହାଦ୍ୱାରା ମାତ୍ର ୫ଟଙ୍କାରେ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଆହାର ପାଇପାରୁଛନ୍ତି ।

### ଗଜପତି ଜିଲ୍ଲାପାଳ ବଦଳିଲେ

ଭୁବନେଶ୍ୱର,୨୨।୬(ପି.ଏନ) ରାଜ୍ୟ ସରକାର ଗୁରୁବାର ଦିନ ଭାରତୀୟ ପ୍ରଶାସନିକ ସେବା ସ୍ତରରେ ଏକ ଛୋଟ ଧରଣର ଅଦଳ ବଦଳ କରିଛନ୍ତି । ଗଜପତିର ନୂଆ ଜିଲ୍ଲାପାଳ ଭାବେ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ମିଳିଥିବାବେଳେ ଜିଲ୍ଲାପାଳ ଥିବା ଲିଙ୍ଗରାଜ ପଣ୍ଡାଙ୍କୁ ସାମାଜିକ କଲ୍ୟାଣ ସହ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି ।

## ୧୯ ତୋପ ସଲାମୀ ସହ ହ୍ୱାଇଟ ହାଉସରେ ମୋଦିଙ୍କୁ ସ୍ୱାଗତ



ନୂଆଦିଲ୍ଲୀ,୨୨।୬(ପି.ଏନ): ଆମେରିକାକୁ ପ୍ରଥମଥର ରାଷ୍ଟ୍ରୀୟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଜି ହ୍ୱାଇଟ ହାଉସରେ ଭବ୍ୟ ସ୍ୱାଗତ କରିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ ଓ ପ୍ରଥମ ମହିଳା ଜିଲ ବାଇଡେନ। ଦୁଇ ଦେଶର ଜାତୀୟ ସଂଗୀତ ସହ ୧୯ ତୋପ ସଲାମୀ ଦ୍ୱାରା ମୋଦିଙ୍କୁ ହ୍ୱାଇଟ ହାଉସରେ ସ୍ୱାଗତ କରାଯାଇଛି। ସ୍ୱାଗତ ସମ୍ବର୍ଦ୍ଧନା ପରେ ଦୁଇ ଦେଶର ରାଷ୍ଟ୍ର ମୁଖ୍ୟ ହ୍ୱାଇଟ ହାଉସ ଲନ୍ ?ରେ ଉପସ୍ଥିତ ଥିବା ଭାରତୀୟ ବଂଶୋଦ୍ଭ ଆମେରିକୀୟଙ୍କୁ ସମ୍ବୋଧନ କରିଛନ୍ତି। ପରସ୍ପରର ପ୍ରଶଂସା କରିଛନ୍ତି। ଆଜି ହ୍ୱାଇଟ ହାଉସରେ ମୋଦି ଓ ବାଇଡେନ ଦୁଇ ପାକ୍ଷିକ ଆଲୋଚନା କରିବେ। ସେହିପରି ଭାରତୀୟ ସମୟ ରାତି ୧୨.୩୦ରେ ମୋଦି ଆମେରିକା ସଂସଦର ଯୁଗ୍ମ ଅଧିବେଶନକୁ ସମ୍ବୋଧନ କରିବେ।ହ୍ୱାଇଟ ହାଉସ୍‌ରେ ମୋଦିଙ୍କୁ ସ୍ୱାଗତ କରି ବାଇଡେନ କହିଛନ୍ତି, "ଆମେ ଏକାଠି ଅନେକ ସମୟ ବିତାଇଛୁ। ମୁଁ ଉପ ରାଷ୍ଟ୍ରପତି ଥିବା ସମୟରୁ ଆମର ସମ୍ପର୍କ ରହିଛି। ମୁଁ ରାଷ୍ଟ୍ରପତି ହେବା ପରେ ଆମେ ବିଶ୍ୱାସର ସମ୍ପର୍କକୁ ମଜବୁତ କରିଛୁ।

## ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ୧୧ଟି ସ୍ଥାନରେ ଏକକାଳୀନ ଚଢ଼ଉ

ଭୁବନେଶ୍ୱର, ୨୨।୬(ପି.ଏନ): ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କ ବିଭିନ୍ନ ଠିକଣା ଉପରେ ଗୁରୁବାର ଦିନ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । । ଭୁବନେଶ୍ୱର, ବାଲେଶ୍ୱର ଓ ଭଦ୍ରକର ୧୧ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ଉ କରୁଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଭିଜିଲାନ୍ସ କୋର୍ଟଙ୍କ ଆଦେଶକ୍ରମେ ଏହି ଚଢ଼ଉ କରାଯାଉଥିବା ବେଳେ ଏଥିରେ ଜଣେ ଅତିରିକ୍ତ ଏସପି, ୪ଜଣ ଡିଏସପି, ୮ଜଣ ଇନସ୍ପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିବା ଜଣାଯାଇଛି ।ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଫିରିଙ୍ଗପାଟଣାରେ ଥିବା ଜୟନ୍ତୀ ବେହେରାଙ୍କ ୩ ମହଲା ବିଶିଷ୍ଟ ବାସଭବନ, ବାଲେଶ୍ୱର ସିଦ୍ଧେଶ୍ୱର କଲୋନିରେ ୩ ମହଲା ଓ ଦୁଇ ମହଲା ବିଶିଷ୍ଟ ଘର, ଭୁବନେଶ୍ୱର ଗୌତମ ନଗର ଅଞ୍ଚଳରେ ଫ୍ଲାଟ୍, ଓଲଡ ଟାଉନ ଅଞ୍ଚଳରେ ଥିବା ଫ୍ଲାଟରେ ଚଢ଼ଉ ଚାଲିଛି । ଖାଲି ସେତିକି ନୁହେଁ, ଜୟନ୍ତୀଙ୍କ ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରୁଛି ଭିଜିଲାନ୍ସ। ଏଣେ ବାଲେଶ୍ୱର ସୁନହଟରେ ଥିବା ସମ୍ପର୍କୀୟ ଓ ଜଣେ ସହଯୋଗୀଙ୍କ ଘରେ ବି ଚଢ଼ଉ ଚାଲିଛି। ଏହାଛଡ଼ା ଭଦ୍ରକରେ ଥିବା ତାଙ୍କୁ ପୁରୁଣା ଅଫିସରେ ବି ଚଢ଼ଉ କରାଯାଉଛି।

## ଅସିତଙ୍କ ଫୋକସରେ ଟିଟିଲାଗଡ, ଆଶଙ୍କାରେ ଟୁକୁନି





ଭୁବନେଶ୍ୱର,୨୨।୬(ପି.ଏନ): ପଶ୍ଚିମଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀଙ୍କ ଏବେ ଘନଘନ ବଲାଙ୍ଗିର ଗସ୍ତ ଓ ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ନିଦ ହଜାଇ ଦେଇଛି । ଆଗାମୀ ସାଧାରଣ ନିର୍ବାଚନରେ ବଲାଙ୍ଗିର ଲୋକସଭା କିମ୍ୱା ଟିଟିଲାଗଡ ବିଧାନସଭା ଆସନରୁ ଅସିତ୍ ପ୍ରାର୍ଥୀ ହେବାର ସମ୍ଭାବନା ଥିବାରୁ ବଲାଙ୍ଗିର ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଟୁକୁନି ସାହୁ ଏବେ ଆଶଙ୍କାରେ ପଡିଛନ୍ତି । ଆଉ ଅସିତଙ୍କ ଘନଘନ ଗସ୍ତ ଲାଗି ରହିଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ଟିଟିଲାଗଡରେ ହ୍ରାସ ପାଉଥିବା ଲୋକପ୍ରିୟତା ଓ ଦୁର୍ବଳ ସାଂଗଠନିକ ସ୍ଥିତି ଏବେ ଟୁକୁନିଙ୍କ ରାଜନୀତିକ କ୍ୟାରିୟର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ତଥା ସେ ନିଜର ଗଡ ରକ୍ଷା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡିଛି । ସୂଚନା ଅନୁସାରେ, ପଶ୍ଚିମଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଏବେ ଉଭୟ ଟିଟିଲାଗଡ ବିଧାନସଭା ସିଟ୍ ଓ ବଲାଙ୍ଗିର ଲୋକସଭା ସିଟ୍ ଉପରେ ଅଧିକ ଧ୍ୟାନକେନ୍ଦ୍ରିତ କରିଛନ୍ତି । ଯାହାକୁ ନେଇ ଟିଟିଲାଗଡର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି ହୋଇଛି । ଅସିତଙ୍କ ଜନ୍ମସ୍ଥାନ ଟିଟିଲାଗଡ ବିଧାନସଭା ମଣ୍ଡଳୀରେ ହୋଇଥିବାବେଳେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସେ ଅଧିକ ସକ୍ରିୟ ହେବାପରେ ମନ୍ତ୍ରୀ ଶ୍ରୀମତୀ ସାହୁଙ୍କ ଶିବିରରେ ଛନକା ପଶିଛି ।

## ଏଣିକି ଭାରତରେ ତିଆରି ହେବ ଯୁଦ୍ଧ ବିମାନ ଇଞ୍ଜିନ, GE ସହ ଡିଲ୍ ଫାଇନାଲ



ନୂଆଦିଲ୍ଲୀ,୨୨।୬(ପି.ଏନ): ଭାରତୀୟ ବାୟୁସେନା ବ୍ୟବହାର କରୁଥିବା ଯୁଦ୍ଧ ବିମାନର ଇଞ୍ଜିନ ଏଣିକି ଭାରତରେ ହିଁ ତିଆରି ହେବ। ଏଥିପାଇଁ ହିନ୍ଦୁସ୍ତାନ ଏରୋନଟିକ୍ସ ପ୍ରାଇଭେଟ ଲିଃ ସହ ଚୁକ୍ତି କରିଛି ଆମେରିକାର ଜେନେରାଲ ଇଲେକ୍ଟ୍ରିକ(GE) ଅରୋସ୍ପେସ। ଏର ସହାୟତାରେ ହାଲରେ ହିଁ ବାୟୁସେନାର ଯୁଦ୍ଧ ବିମାନ ଗୁଡିକର ଇଞ୍ଜିନକୁ ତିଆରି କରାଯିବ। ଏନେଇ ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଛି। ଐତିହାସିକ ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱାଶିଂଟନରେ ଏରର ଅଧ୍ୟକ୍ଷ ଏଚ୍ ଲରେନ୍ସ କୁଲପ ଜୁନିୟରଙ୍କୁ ଭେଟିଥିଲେ। ଏହି ଭେଟଘାଟ ପରେ ଉକ୍ତ ବହୁରାଷ୍ଟ୍ରୀୟ କମ୍ପାନୀର ଏରୋସ୍ପେସ ଶାଖା ଘୋଷଣା କରିଛି ଯେ ସେମାନେ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ଇଞ୍ଜିନ ହାଲ୍ ସହ ମିଶି ତିଆରି କରିବାକୁ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।ଏର ଏରୋସ୍ପେସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ମଧ୍ୟରେ ଏପରି ଏମଓୟୁ ଗୋଟିଏ ବଡ ମାଇଲଖୁଣ୍ଟ ଭାବେ ଉଭା ହୋଇଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗିତାକୁ ଅଧିକ ମଜବୁତ କରିବାକୁ ଏହା ବଡ ଭୂମିକା ନିର୍ବାହ କରିବ।

## ବିଜୁଳି ସେବା ନାଁରେ ଶୋଷଣ କରୁଥିବା ଟାଟା ପାୱାର ସହ ଚୁକ୍ତିବାତିଲ କରୁ ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର,୨୨।୬(ପି.ଏନ): ଓଡ଼ିଶାର ଏକ ନମ୍ବର ମୁଖ୍ୟମନ୍ତ୍ରୀ ବୋଲି ସର୍ବଦା ବାଃ ବାଃ ନେଉଥିବାବେଳେ ବିଜୁଳି ସମସ୍ୟା ତାଙ୍କର ଅସଲ ମୁଖାକୁ ପଦାରେ ପକାଇଛି । ଓଡ଼ିଶାରେ ସର୍ବଦା ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ସାଧାରଣ ଉପଭୋକ୍ତା ଯମ ଯନ୍ତ୍ରଣା ଅନୁଭବ କରୁଛନ୍ତି । ରାଜ୍ୟ ସରକାରଙ୍କ ମୌଳିକ ଅଧିକାର ଓଡିଶାବାସୀଙ୍କ ନିକଟରେ ବିଜୁଳି ପଂହଚାଇବା କିନ୍ତୁ ରାଜ୍ୟ ସରକାର ଏନେଇ ବିଫଳ । ଅଘୋଷିତ ବିଦ୍ୟୁତ କାଟ୍ ପାଇଁ ବାରମ୍ବାର ଭାରତୀୟ ଜନତା ପାର୍ଟି ଅବଗତ କରାଇବା ସହ ରାଜରାସ୍ତାରେ ଆନ୍ଦୋଳନ କରିବା ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି । ଗତକାଲି କ୍ୟାବିନେଟ୍‌ରେ ରାଜ୍ୟ ସରକାର କହିଛନ୍ତି, ରାଜ୍ୟର ବଳକା ବିଜୁଳି ଉତ୍ପାଦନ କରିବା ସମ୍ପୂର୍ଣ୍ଣ ମିଛ । ବିଜୁଳିର ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ମଧ୍ୟପ୍ରଦେଶରୁ ଧାରରେ ବିଜୁଳି ଆଣିବେ । ଓଡ଼ିଶାବାସୀଙ୍କ ମୌଳିକ ଆବଶ୍ୟକ ପଡୁଥିବା ବିଜୁଳିକୁ ମୁଖ୍ୟମନ୍ତ୍ରୀ ଟାଟା ପାୱାରକୁ ୫୧ପ୍ରତିଶତ ସେୟାର ଦେଇଛନ୍ତି ଠିକାଦାରୀ କରିବା ପାଇଁ । ବିଜେପି ଯେବେ ଲୋକଙ୍କ ପାଇଁ ସ୍ୱର ଉଠାଉଛି ଶାସକ ଦଳର ନେତା, ମନ୍ତ୍ରୀମାନେ ଠିକାଦାରୀ ସଂସ୍ଥାର ବେତନଭୋଗୀ କର୍ମଚାରୀ ଭଳି ଉତର ଦେଉଛନ୍ତି । ବିଜୁଳି ବିଭାଗର ଖୋଦ୍ ମନ୍ତ୍ରୀ କେତେବେଳେ ମୌନବ୍ରତ ତ କେତେବେଳେ ଅଜ୍ଞାତବାସରେ ରହୁଛନ୍ତି । ତାହାଲେ ରାଜ୍ୟବାସୀ କାହା ପାଖରେ ଗୁହାରି କରିବେ ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଆଜି ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ମହାପାତ୍ର କହିଛନ୍ତି ଯେ, ବିଜୁଳି ସମସ୍ୟା ଓଡ଼ିଶାରେ ଏବେ ବ୍ୟାପକ ସମସ୍ୟା ହେଲାଣି । କିନ୍ତୁ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣିବାରେ ବିଫଳ । ନବୀନ ବାବୁ ଶାସନ ଗାଦିରେ ବସିଛନ୍ତି କିନ୍ତୁ ଜନତାଙ୍କ ପାଖରେ ପଂହଚୁନାହାନ୍ତି । ଏନେଇ ବିଜେପି ଉଠାଉଥିବା ପ୍ରଶ୍ନକୁ ଶାସକ ଦଳର ନେତା, ମନ୍ତ୍ରୀମାନେ କହୁଛନ୍ତି ସେ କୁଆଡେ ବଛା ବଛା ଜାଗାକୁ ଯାଉଛନ୍ତି । ତାହାଲେ ଅନ୍ୟ ଜାଗାକୁ ଯାଉଛି କିଏ ? ଗଣତନ୍ତ୍ରରେ ଆମ ବିଶ୍ୱାସ କରୁ । ଗଣତନ୍ତ୍ର ଅନୁସାରେ ଆମେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବୁ କିନ୍ତୁ ଶାସକ ଦଳର ନେତା, ମନ୍ତ୍ରୀମାନେ ଉତର କାହିଁକି ରଖୁନାହାନ୍ତି ? ଏବେ ବିଜେଡି ସ୍ୱୀକାର କରୁଛି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନ ନକରି ଜଣେ ବେତନଭୋଗୀ କର୍ମଚାରୀଙ୍କୁ ପ୍ରଶ୍ନ ପଚାରିବାକୁ ।ବିଜୁଳିରେ ୨୭୦୨୭ କୋଟି ଟଙ୍କା କଣ କଲ ବୋଲି ବିଜେପି ପ୍ରଶ୍ନ କରିଥିଲା ଓ ଉତରରେ ଶକ୍ତିମନ୍ତ୍ରୀ କହିଛନ୍ତି ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ଟାରିଫ ନିର୍ଦ୍ଧାରଣରେ ବଳକା ୩୫୦କୋଟି ଟଙ୍କା ବିଚାରକୁ ନିଆଯାଇ ଉପଭୋକ୍ତାଙ୍କୁ ରିହାତି ଦିଆଯାଇଛି । ମହାମାରୀ କରୋନାବେଳେ ରାଜ୍ୟ ସରକାର ୩୫୦କୋଟି ଟଙ୍କା ଅଧିକ ଉପଭୋକ୍ତାଙ୍କ ପାଖରୁ ନେଇଛନ୍ତି । ସେହିଭଳି ଆର୍ଥିକ ବର୍ଷ ୨୦୨୧-୨୨ରେ କମ୍ପାନୀମାନେ ଅଧିକ ୫୦୦କୋଟି ଟଙ୍କା ଉପଭୋକ୍ତାଙ୍କ ପାଖରୁ ଆଦାୟ କରିଛନ୍ତି । କରୋନା କାଳରେ ମାତ୍ର ୩୫୦କୋଟି ଟଙ୍କା ଉପଭୋକ୍ତାଙ୍କୁ ଫେରାଇଛନ୍ତି ୨୭ଶହ ୨୭କୋଟି ଟଙ୍କା ଫେରାଇ ନାହାନ୍ତି । ଗତ ବିଧାନସଭାରେ ବିଜୁଳିକୁ ନେଇ ରାଜ୍ୟ ସରକାର ଉତର ରଖିଛନ୍ତି ଯେ, ୧୦ବର୍ଷରେ ବିଜୁଳି ବିଭାଗର ସମ୍ପ୍ରତି ୧୮ହଜାର ୩ଶହ ୨୫କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ସେଥିରୁ କେନ୍ଦ୍ର ସରକାର ୬ହଜାର ୨ଶହ ୪୪କୋଟି ଟଙ୍କା ଦେଇଛନ୍ତି କିନ୍ତୁ ରାଜ୍ୟ ସରକାର ଟାଟା ପାୱାରକୁ ଯେତେବେଳେ କ୍ଷମତା ହସ୍ତାନ୍ତର କରିଛନ୍ତି, ୫ହଜାର ୬ଶହ ୯୩କୋଟି ଟଙ୍କା । ୧୨୬୩୨କୋଟି ଟଙ୍କା କୁଆଡେ ଗଲା ଓ କେଉଁଠି ଖର୍ଚ୍ଚ କଲେ ରାଜ୍ୟ ସରକାର ଉତର ରଖନ୍ତୁ । ଟାଟା ପାୱାର ସହ ରାଜ୍ୟ ସରକାରଙ୍କ ସମ୍ପର୍କ କଣ ? ବିଜୁଳି ବିଭାଗରେ ମେଗା କରପସନ ହୋଇ ତୃତୀୟ ମହଲାକୁ ଅର୍ଥ ଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଗତକାଲି କ୍ୟାବିନେଟ ନିଷ୍ପତି ନିଆଗଲା ଯେ ମଧ୍ୟପ୍ରଦେଶରୁ ବିଜୁଳି ଧାର ଆଣିବେ । ଗତ ବିଧାନସଭାରେ ପ୍ରଶ୍ନ କରାଗଲା, ୨୨ଜୁନ ୨୦୨୨-୨୩ ପର୍ଯ୍ୟନ୍ତ ଗ୍ରୀଡକୋ ୯୬ହଜାର୯୬ ମେଗାୱାଟ ବଳକା ବିଦ୍ୟୁତ ପାୱାର ଏକ୍ସଚେଞ୍ଜ ମାଧ୍ୟମରେ ୟୁନିଟ୍ ପିଛା ହାରାହାରି ୪ଟଙ୍କା ୯୫ପଇସାରେ ବିକ୍ରୟ କରିଛି । ଏହି ଅବଧି ମଧ୍ୟ ସାମଗ୍ରିକ ନିଅଁଣିଆ ପରିସ୍ଥିତିରେ ପାୱାର ଏକ୍ସଚେଞ୍ଜରୁ ୧୮୪ମେଗାୱାଟରୁ ୟୁନିଟ୍ ପିଛା ୭ଟଙ୍କା ୫୦ ପଇସାରେ କ୍ରୟ କରାଯାଇଛି । ଏଭଳି ଘୋଟାଲା ପାଇଁ କିଏ ଦାୟୀ । ସରକାରୀ କର୍ମଚାରୀଙ୍କ ଟ୍ୟାକ୍ସ କଟୁଛି କିନ୍ତୁ ଶକ୍ତିମନ୍ତ୍ରୀ ଅୟେସ ଓ ଆରାମରେ ବୁଲିବେ କାହିଁକି ଏନେଇ ତାଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବା ସହ ବିଜୁଳି ବିଭାଗକୁ ଅନ୍ୟ ବିଭାଗ ସହ ସଂଯୋଗ କରାଯାଉ । ବ୍ୟାପକ ପିସି କଲଚର ପାଇଁ ଯେଉଁମାନେ ଦାୟୀ ଓ ୧୧ହଜାର ୪ଶହ କୋଟି ଟଙ୍କାର ଘୋଟାଲା ହୋଇଛି ଯଦି ରାଜ୍ୟ ସରକାରଙ୍କ ସତ୍‌ସାହସ ଅଛି ତାହାଲେ ତଦନ୍ତଭାର ସିବିଆଇକୁ ଦିଅନ୍ତୁ । ଯଦି ରାଜ୍ୟ ସରକାରଙ୍କ ସିବିଆଇ ପ୍ରତି ଭୟ, ତାହାଲେ ଓଡ଼ିଶା ଲୋକାୟୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି । ଟାଟା କମ୍ପାନୀ ବିଜୁଳି ସେବା ନାଁରେ ଉପଭୋକ୍ତାଙ୍କୁ ଶୋଷଣ କରୁଛି । ଏନେଇ ଟାଟା ପାୱାର ଚୁକ୍ତିକୁ ରାଜ୍ୟ ସରକାର ବାତିଲ କରି ନିଜ ଅଧିନକୁ ଆଣନ୍ତୁ । ଟାଟା ପାୱାର ନାଁରେ ଫୌଜଦାରୀ ମାମଲା ରୁଜୁ କରନ୍ତୁ । ବିଜେପି ରାଜ୍ୟ ସରକାରଙ୍କ ନିକଟରେ ଦାବି କରୁଛି କିନ୍ତୁ ଶାସକ ଦଳର ନେତା, ମନ୍ତ୍ରୀମାନେ ନିଜ ମୁଖିଆ ଅକ୍ଷମ ଓ ସେ କିଛି ଜାଣିପାରୁନାହାନ୍ତି । ଦୁଃଖ ଓ ପରିତାପର ବିଷୟ, ବିଜେଡିର ମନ୍ତ୍ରୀମାନେ କହୁଛନ୍ତି ଯାହା ଦାବି ଅଛି ୫-ଟି କୁହନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ବଦଳରେ ୫ଟି ଲୋକଙ୍କ ପାଖକୁ ଯାଉଛନ୍ତି । ଲୋକଙ୍କର ସମସ୍ୟା ଓ ସୁବିଧା ଅସୁବିଧାକୁ ଜାଣିବା ପରିବର୍ତ୍ତେ ୫ଟି ନିଜର ଆତ୍ମପ୍ରଚାର ଅଧିକ କରୁଛନ୍ତି । ଏପରିକି ଅନେକ ଆତ୍ମରକ୍ଷୀମାନଙ୍କ ସୁରକ୍ଷା ବଳୟ ଘେରରେ ରହୁଛନ୍ତି । ମୁଖ୍ୟମନ୍ତ୍ରୀ ଯଦି ଗଣତନ୍ତ୍ରରେ ବିଶ୍ୱାସ ରଖନ୍ତି ତାହାଲେ ୫-ଟି କିଏ ତାହା ସ୍ପଷ୍ଟ କରନ୍ତୁ । ଏହାଛଡା ଯଦି ୫-ଟି ସବୁ କାର୍ଯ୍ୟ କରୁଛନ୍ତି ତାହାଲେ ଟାଟା ପାୱାର ଏଗ୍ରିମେଂଟ ରଦ୍ଦ କରିବା ଓ ଫୌଜଦାରୀ ମକୋଦମା କରିବା ଦାୟିତ୍ୱ ୫-ଟି ନେଉ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ବିରୋଧୀଙ୍କ ପାଟନା ବୈଠକକୁ ଯିବେନି ମାୟାବତୀ, କଂଗ୍ରେସକୁ କଲେ ଟାର୍ଗେଟ



ନୂଆଦିଲ୍ଲୀ,୨୨।୬(ପି.ଏନ): ବହୁ ପ୍ରତିକ୍ଷୀତ ବିରୋଧୀ ଦଳଗୁଡିକର ବୈଠକ ଆସନ୍ତାକାଲି ପାଟନାରେ ଅନୁଷ୍ଠିତ ହେବ। ୨୦୨୪ରେ ବିଜେପିକୁ ମାତ ଦେବା ପାଇଁ ବିରୋଧୀ ଦଳଗୁଡିକ ପାଟନାର ଶକ୍ତି ପ୍ରଦର୍ଶନ ସହ ରଣନୀତି ପ୍ରସ୍ତୁତ କରିବେ। ତେବେ ବିଏସ୍ ?ପି ମୁଖିଆ ମାୟାବତୀ କିମ୍ବା ତାଙ୍କ ଦଳ ବିରୋଧୀଙ୍କ ଏହି ମହାବୈଠକରେ ସାମିଲ ହେବେ ନାହିଁ ବୋଲି ଆଜି ସ୍ପଷ୍ଟ କରିଛନ୍ତି। ଏଥିସହ ସେ ଉଭୟ କଂଗ୍ରେସ ଓ ବିଜେପିକୁ ଟାର୍ଗେଟ କରିଛନ୍ତି। ବିରୋଧୀ ଦଳଗୁଡିକ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଏକାଠି ହୋଇ ବିଭିନ୍ନ ପ୍ରସଙ୍ଗ ଉଠାଉ ଥିଲେ ହେଁ ପାଟନାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆୟୋଜନ କରୁଥିବା ବୈଠକକୁ ମାୟାବତୀ ବିରୋଧ କରିଛନ୍ତି ।ସେ କହିଛନ୍ତି, "ମହଙ୍ଗାମାଡ, ଗରିବୀ, ବେକାରୀ, ଅନଗ୍ରସରତା, ନିରକ୍ଷର, ଜାତୀୟ ବିଦ୍‌ୱେଶ, ଧାର୍ମିକ ଭେଦଭାବ, ହିଂସା ଇତ୍ୟାଦି ଗ୍ରସ୍ତ ଦେଶରେ ବହୁଜନଙ୍କ ହତାଶ ହୋଇ ରହିଛନ୍ତି।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ବିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢ଼ାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ପର୍ଯ୍ୟବେକ୍ଷକ ମହାନଗର

# କଲେ ହେଲା ବୁଡ଼ିବ ଭେଳା...



ଜୀବନରେ ନିଜର ପାରିବାରିକ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ କ୍ଷେତ୍ର, କର୍ମ ସଂସ୍ଥାନର କ୍ଷେତ୍ର ହେଉ ବା ଆଧ୍ୟାତ୍ମିକର କ୍ଷେତ୍ର। ସତରେ 'କଲେ ହେଲା ବୁଡ଼ିବ ଭେଳା।' ହେଲାରୁ ଭେଳା ବୁଡ଼ିବାର ନଜିର ଆମ ସାମ୍ନାରେ ପ୍ରତିଦିନ ଆମେ ଦେଖୁଥାଉ। ଆଶ୍ଚର୍ଯ୍ୟର କଥା ହେଉଛି, ଆମେ ଜାଣିପାରି ମଧ୍ୟ ଅନେକ ସମୟରେ ନିଜର ଭେଳା ବୁଡ଼ାଇ ନିଜେ ହଇରାଣ ହେବା ସହ ଅନ୍ୟମାନଙ୍କୁ ଅସୁବିଧାରେ ବି ପକାଇଥାଉ। ଦେଖାଯାଏ କେତେକ କ୍ଷେତ୍ରରେ ନିଜ ହେଲା ସମ୍ପର୍କରେ ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ସେତେବେଳକୁ ଆଉ ନିଜ ନିୟନ୍ତ୍ରଣରେ କିଛି ବି ନଥାଏ। ପୃଥିବୀରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ; କିନ୍ତୁ ନିଜେ ନିଜ ଦୁର୍ବୁଦ୍ଧି ପାଇଁ ଓ କେତେକ କ୍ଷେତ୍ରରେ ପରବୁଦ୍ଧି ଓ କେତେକ କ୍ଷେତ୍ରରେ ବୁଦ୍ଧିହୀନ ପାଇଁ ଅସୁବିଧାକୁ ଆମନ୍ତ୍ରଣ କରିଥାଏ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତଙ୍କୁ ନେଇ ତା'ର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟଦକ୍ଷତା ଶୁଣିବା ପରେ ସେ ବଡ଼ ବିଷାଦଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହାସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି; କିନ୍ତୁ ଦୀର୍ଘଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁ ଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତା'ର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲିଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ୍ୟ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ, ଜ୍ଞାନୀ ଓ ସଚେତନ ମଧ୍ୟ ଏବଂ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥା'ନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନା ଆଉ କିଛି?

ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା' ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେସବୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା, ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲେ। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି, ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଟା ପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଏବଂ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରି ନ ଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଲା ତ' ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥା'ନ୍ତି ତା'ର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇନେବା ଉଚିତ।

—ଶ୍ୟାମସୁନ୍ଦର ସାମଲ
ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ: ୯୭୭୮୬୩୫୯୨୬, E-mail : shyamsundra123samal@gmail.com

# ବୈଦ୍ୟନାଥ ଧାମ ଜ୍ୟୋତିର୍ଲିଙ୍ଗ ଓ ପାର୍ବତୀ ଶକ୍ତିପୀଠ



ଭାରତ ଉପ ମହାଦେଶର ବିଭିନ୍ନ ସ୍ଥାନରେ ଭଗବାନ ଶଙ୍କରଙ୍କ ଦ୍ୱାରା ସ୍ଥାପିତ ଜ୍ୟୋତିର୍ଲିଙ୍ଗ ମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ରାଜ୍ୟର ଦେଓଘର ସ୍ଥିତ ପ୍ରସିଦ୍ଧ ତୀର୍ଥସ୍ଥଳ ବୈଦ୍ୟନାଥ ଅନ୍ୟତମ। ଏଠାରେ ଭଗବାନ ଶଙ୍କରଙ୍କ ଦ୍ୱାରା ନବମ ଜ୍ୟୋତିର୍ଲିଙ୍ଗ ସ୍ଥାପିତ ହୋଇଥିଲା। ଏହି ଜ୍ୟୋତିର୍ଲିଙ୍ଗ ସମସ୍ତ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ସର୍ବାଧିକ ମହିମା ମଣ୍ଡିତ ଭାବେ ଖ୍ୟାତ। କିନ୍ତୁ ଏହା ଭାରତର ଏପରି ସ୍ଥଳ ଯେ, ଯେଉଁଠି ଜ୍ୟୋତିର୍ଲିଙ୍ଗ ସହିତ ଏକ ଶକ୍ତିପୀଠ ମଧ୍ୟ ରହିଛି। ପ୍ରତିଦିନ ତ ଏଠାକୁ ହଜାର ହଜାର ଶ୍ରଦ୍ଧାଳୁ ଆସନ୍ତି, ହେଲେ ଭଗବାନ ଶିବଙ୍କ ପ୍ରିୟ ମାସ ଶ୍ରାବଣରେ ତାଙ୍କ ଭକ୍ତ ମାନଙ୍କ ପ୍ରବଳରୁ ପ୍ରବଳ ଭିଡ଼ ଜମେ। ପ୍ରତିଦିନ ଏଠାକୁ ପ୍ରାୟ ଏକ ଲକ୍ଷ ଭକ୍ତ ଆସି ଜ୍ୟୋତିର୍ଲିଙ୍ଗ ଉପରେ ଜଳାଭିଷେକ କରନ୍ତି। ସୋମବାର ଦିନ ଭକ୍ତ ମାନଙ୍କ ସଂଖ୍ୟା ଆହୁରି ବଢିଯାଏ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଜ୍ୟୋତିର୍ଲିଙ୍ଗ ମହାନ ବିଦ୍ୱାନ ଲଙ୍କାପତି ରାବଣ ଦ୍ୱାରା ଏଠାକୁ ଅଣା ଯାଇଥିଲା। ଶିବ ପୁରାଣ ମୁତାବିକ ଶିବ ଭକ୍ତ ରାବଣ ନିଜ ତପସ୍ୟା ବଳରେ ଶିବଙ୍କ ଠାରୁ ବର ପାଇ ଭଗବାନ ଶିବଙ୍କୁ କୈଳାଶ ପର୍ବତରୁ ନିଜ ସହିତ ଲଙ୍କା ନେଇ ଯିବାର ଇଚ୍ଛାବ୍ୟକ୍ତ କରିଥିଲା।

କିନ୍ତୁ ଭଗବାନ ଶିବ ସ୍ୱଂୟ ଲଙ୍କା ଯିବାକୁ ମନା କରିଦେଲେ, କିନ୍ତୁ ନିଜ ଭକ୍ତ ରାବଣକୁ ଶିବଲିଙ୍ଗ ନେଇ ଯିବାକୁ ପରାମର୍ଶ ଦେଲେ। ଏହା ପରେ ଭଗବାନ ଶିବ ଏହି ଜ୍ୟୋତିର୍ଲିଙ୍ଗକୁ ରାସ୍ତାରେ କେଉଁଠି ନ ରଖିବାକୁ ରାବଣକୁ ସଚେତନ କଲେ। ଅନ୍ୟଥା ଏହି ଜ୍ୟୋତିର୍ଲିଙ୍ଗ ସେଇଠି ସ୍ଥାପିତ ହୋଇଯିବ! ଏଣେ ଭଗବାନ ବିଷ୍ଣୁ ଜ୍ୟୋତିର୍ଲିଙ୍ଗ ଲଙ୍କାରେ ପହଂଚିବା ଚାହୁଁନଥିଲେ। ସେଥିପାଇଁ ଭଗବାନ ବିଷ୍ଣୁ ମା'ଗଙ୍ଗାଙ୍କୁ ରାବଣ ପେଟରେ ପ୍ରବେଶ କରିବାକୁ ଅନୁରୋଧ କଲେ। ରାବଣ ପେଟରେ ଗଙ୍ଗାଙ୍କ ପ୍ରବେଶ ପରେ ରାବଣକୁ ପ୍ରବଳ ପରିଶ୍ରା ଲାଗିଲା। ଏହାପରେ ସେ ଭାବିବାକୁ ଲାଗିଲା ଯେ, ଜ୍ୟୋତିର୍ଲିଙ୍ଗ କାହା ହାତରେ ରଖି ପରିଶ୍ରା କରିନେବି!...



ସେହି ସମୟରେ ଭଗବାନ ବିଷ୍ଣୁ ଗୋପାଳ ରୂପରେ ସେଠାରେ ପ୍ରକଟ ହେଲେ। ରାବଣ ସେହି ଗୋପାଳ ହାତରେ ଜ୍ୟୋତିର୍ଲିଙ୍ଗ ଧରାଇ ସେ ପରିଶ୍ରା ସାରି ନ ଆସିବା ପର୍ଯ୍ୟନ୍ତ ଏହି ଜ୍ୟୋତିର୍ଲିଙ୍ଗକୁ ଜମି ଉପରେ ନ ରଖିବାକୁ କହିଲା।

ରାବଣ ଯେତେବେଳେ ପରିଶ୍ରା କରିବାକୁ ଆରମ୍ଭ କଲା ତ ଲଗାତାର ପରିଶ୍ରା ହୋଇ ଚାଲିଲା, ବନ୍ଦ ହେଲା ନାହିଁ। ଅନେକ ସମୟ ପର୍ଯ୍ୟନ୍ତ ଯେତେବେଳେ ରାବଣ ଫେରିଲା ନାହିଁ, ସେହି ଗୋପାଳ ଶିବଲିଙ୍ଗକୁ ମାଟି ଉପରେ ରଖି କୁଆଡ଼େ ଉଭାନ ହୋଇଗଲା। ଏହାପରେ ରାବଣ ଯେତେବେଳେ ଫେରି ଆସିଲା, ତା'ର ଶତ ଶତ ଚେଷ୍ଟା ସତ୍ୱେ ସେଠାରୁ ଶିବଲିଙ୍ଗ ହଲିଲା ନାହିଁ ଓ ତାକୁ ଖାଲି ହାତରେ ଲଙ୍କା ଫେରିବାକୁ ପଡ଼ିଲା। ପରେ ସମସ୍ତ ଦେବୀ ଦେବତା ଏଠାରେ ପହଂଚି ଜ୍ୟୋତିର୍ଲିଙ୍ଗ ସ୍ଥାପିତ କଲେ ଓ ଯଥାବିଧି ପୂଜାର୍ଚ୍ଚନା କଲେ। ବହୁ ଦିନ ପରେ ବୈଜନାଥ ନାମକ ଜଣେ ଗାଇଆଳକୁ ଏହି ଜ୍ୟୋତିର୍ଲିଙ୍ଗର ଦର୍ଶନ ହେଲା ଓ ସେ ପ୍ରତିଦିନ ସେହି ଜ୍ୟୋତିର୍ଲିଙ୍ଗକୁ ପୂଜା କରିବାକୁ ଲାଗିଲା। ଏଥିପାଇଁ ଏହି ପବିତ୍ର ମାଟିର ନାମ ବୈଦ୍ୟନାଥ ଧାମ ହୋଇଗଲା। ଏହି କାରଣରୁ ବୈଦ୍ୟନାଥ ଧାମ ସମସ୍ତ ତୀର୍ଥ





ମଧ୍ୟରେ ଶ୍ରେଷ୍ଠ ବୋଲି କୁହାଯାଏ। ଏହି ଜ୍ୟୋତିର୍ଲିଙ୍ଗ ସଂପର୍କରେ ବିଭିନ୍ନ ପୁରାଣରେ ବ୍ୟାପକ ଭାବେ ବର୍ଣ୍ଣିତ ହୋଇଛି। କିନ୍ତୁ ଶିବ ପୁରାଣରେ ଏ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୁରାଣ କଥା ଅନୁଯାୟୀ ବୈଦ୍ୟନାଥ ଧାମରେ ଜ୍ୟୋତିର୍ଲିଙ୍ଗର ସ୍ଥାପନା ସ୍ୱୟଂ ଭଗବାନ ବିଷ୍ଣୁ କରିଥିଲେ। ଏହି ସ୍ଥାନର ଅନେକ ନାମ ପ୍ରଚଳିତ ଅଛି, ଯେମିତି ହରିତକୀ ବନ, ଚିତାଭୂମି, ରଣଖଣ୍ଡ, ରାବଣେଶ୍ୱର କାନନ, ହୃଦୟ ପୀଠ ଇତ୍ୟାଦି। ବୈଦ୍ୟନାଥ ଧାମକୁ 'ହାର୍ଦପୀଠ' ମଧ୍ୟ କୁହାଯାଏ ଓ ଏହାର ମାନ୍ୟତା ଶକ୍ତିପୀଠ ରୂପରେ ରହିଛି। ବୈଦ୍ୟନାଥ ଧାମ ଏପରି ଏକ ସ୍ଥାନ, ଯେଉଁଠି ଜ୍ୟୋତିର୍ଲିଙ୍ଗ ସହିତ ଶକ୍ତିପୀଠ ବି ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ




ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ନିଜ ହାତରେ ଧରି ସାରା ବ୍ରହ୍ମାଣ୍ଡରେ ବୁଲି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ସେଗୁଡ଼ିକ ମଧ୍ୟରେ ଝାଡ଼ଖଣ୍ଡର ବୈଦ୍ୟନାଥ ଧାମରେ ମା'ସତୀଙ୍କର ହୃଦୟ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନ 'ହୃଦୟପୀଠ' ବା "ହାର୍ଦ ପୀଠ" ଭାବରେ ପରିଚିତ। ଏହି ଶକ୍ତିପୀଠରେ ମା' ପାର୍ବତୀ ଶକ୍ତି ରୂପରେ ପୂଜା ପାଉଥିବାବେଳେ ସ୍ୱଂୟ ବୈଦ୍ୟନାଥ ଏଠାରେ ଭୈରବ ରୂପରେ ପୂଜା ପାଉଛନ୍ତି।

ଶରତ କୁମାର ରାଉତ, ଭୁବନେଶ୍ୱର,
ମୋ: ୯୩୩୭୩୬୯୪୪୮

# ବିଧାୟକମାନେ ନିଜ ଦରମା ବଢ଼ାଇବା ସହ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ଭତ୍ତା ବୃଦ୍ଧିକୁ ମଧ ଗୁରୁତ୍ୱ ଦିଅନ୍ତୁ !

ଭୁବନେଶ୍ୱର (ପିଏନ୍): ବିଧାୟକମାନେ ନିଜ ଦରମା ବଢ଼ାଇବା ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ବଢ଼ାଇବା ପାଇଁ ଗୃହରେ ଦାବି ଉପସ୍ଥାପନ କରିଛନ୍ତି। ସେମାନଙ୍କ ଯୁକ୍ତି ଅନୁଯାୟୀ ଦୈନନ୍ଦିନ ଜୀବନରେ ବ୍ୟବହୃତ ସମସ୍ତ ସାମଗ୍ରୀର ମୂଲ୍ୟରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି। ଏବେ ସେମାନେ ପାଉଥିବା ଦରମାରେ ନିଜର ଗୁଜୁରାଣ ମେଣ୍ଟାଇବା ସମ୍ଭବପର ହେଉନାହିଁ। ତତ୍ସହ ଅନ୍ୟ ରାଜ୍ୟମାନଙ୍କରେ ବିଧାୟକମାନେ ପାଉଥିବା ଦରମା ସମ୍ବନ୍ଧରେ ମଧ ଉଲ୍ଲେଖ କରିଥିଲେ। ଯାହାହେଉ, ବିଳମ୍ବରେ ହେଲେ ମଧ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ହୋଇଛି ବୋଲି ଦଳ ମତ ନିର୍ବିଶେଷରେ ସମସ୍ତ ବିଧାୟକ ସ୍ୱୀକାର କରିଛନ୍ତି। ୩୦ ଜଣ ପୂର୍ବତନ ବିଧାୟକ ନିଜ ପେନ୍ସନ୍ ବୃଦ୍ଧି ସହ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ତାହାହେଲେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଗରିବ, ନିମ୍ନ ମଧବିତ୍ତ, ମଧବିତ୍ତ ସହ ଚାଷୀ, ମଜୁରିଆ ଶ୍ରମିକ ତଥା ବେସରକାରୀ ଚାକିରି କରିଥିବା ଲୋକମାନେ କେତେ କଷ୍ଟରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ! ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ କଥା କହିଲେ ନ ସରେ। ମାସକୁ ୫୦୦/୭୦୦ ଟଙ୍କାରେ ସେମାନେ ନିଜର ଗୁଜୁରାଣ କେମିତି ଅବା ମେଣ୍ଟାଇବେ ! ବିଧାୟକଗଣ ଯେଉଁଭଳି ଭାବେ ଅନ୍ୟ ରାଜ୍ୟର ବିଧାୟକମାନେ ପାଉଥିବା ଦରମା ସହ ନିଜର ଦରମା ତୁଳନା କରିଛନ୍ତି, ସେମାନେ ଅନୁରୂପ ଭାବେ ଅନ୍ୟ ରାଜ୍ୟରେ ପାଉଥିବା ସାମାଜିକ ସୁରକ୍ଷା ଭତ୍ତା ସମ୍ବନ୍ଧରେ ମଧ ଅବଗତ ରହି ସେମାନଙ୍କ ଭତ୍ତା ବୃଦ୍ଧି କଥା ଦଳମତ ନିର୍ବିଶେଷରେ ବିଧାନସଭାରେ ଦାବି ଉପସ୍ଥାପନ କରିବା ପାଇଁ ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମୀର ଅହମ୍ମଦ ଅଲ୍ଲୀ ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଏଡିଏମଓ ସୁବାଷ ଚନ୍ଦ୍ର ମହାରଣା କହିଲେ ଯେ ମାତୃକ୍ଷୀର ଶିଶୁ ପାଇଁ ଅମୃତତୁଲ୍ୟ । ଭାରତ ବର୍ଷରେ ୬୫ ଭାଗ ମାଆମାନେ ଶିଶୁମାନଙ୍କୁ ପୂର୍ଣ୍ଣ ମାତ୍ରରେ କ୍ଷୀର ଖୁଆଇଥାନ୍ତି । ମାତୃସ୍ତନ୍ୟପାନରେ ସଫଳତା ପାଇଁ ଜନ୍ମ ପରେ ଯଥାଶୀଘ୍ର ମାଆ କ୍ଷୀର ଖୁଆଇବା ଆରମ୍ଭ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଶିଶୁର ବିକାଶ ହେବା ସହ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ । ଯେଉଁ ମାଆମାନେ ସେମାନଙ୍କୁ ଶିଶୁଙ୍କୁ ସ୍ତନ୍ୟପାନରୁ ନିବୃତ ରଖିଥା'ନ୍ତି । ସେହି ଶିଶୁମାନେ ବିଭିନ୍ନ ରୋଗର ଶିକାର ହୋଇଥା'ନ୍ତି ବୋଲି କହିଥିଲେ । ଏହି ଉତ୍ସବରେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧିର ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏଚଓ ରୁକ୍ମିଣୀ ବେହେରା, ପିଏଚଓ ସବିତା ମହାନ୍ତ, ପିପିଏମ, ବିଡିଏମ, ଡିଭିଏଲଏମ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମାତୃସ୍ତନ୍ୟପାନର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମାଆ ପିଲା ଜନ୍ମର ଏକ ମାସ ପୂର୍ବରୁ କିପରି ନିଜକୁ ପ୍ରସ୍ତୁତ କରିବେ, ସେଥିନେଇ ସୂଚନା ଦିଆଯାଇଥିଲା । ବୈଠକରେ ଯୋଗଦେଇଥିବା ଗର୍ଭବତୀ ମହିଳାମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ଦିଆଯାଇଥିଲା । ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଜଗତସିଂହପୁର ବନ୍ୟାଂଚଳରେ ରିଲିଫ ଓ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ



ପାରାଦୀପ (ପିଏନ୍)- ବନ୍ୟା ପୀଡିତ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟାଂଚଳରେ ରିଲିଫ ଓ ଉଦ୍ଧାରକାର୍ଯ୍ୟ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି । ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ବିଭିନ୍ନ ବ୍ଲକ୍‌ମାନଙ୍କରେ ପହଂଚି ରିଲିଫ ଓ ଉଦ୍ଧାରକାର୍ଯ୍ୟ ପରିଚାଳନା କରୁଛନ୍ତି । ଜଳସମ୍ପଦ ବିଭାଗ, ଜଳଯୋଗାଣ ଓ ପରିମଳ, ଡ୍ରେନେଜ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଏନ.ଡି.ଆର.ଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀ ବନ୍ୟାଂଚଳରେ ଉପସ୍ଥିତ ରହି କାର୍ଯ୍ୟ ଜାରି ରଖିଛନ୍ତି । ଜିଲ୍ଲାପାଳ ପାରୁଲ ପଟଓାରୀ କୁଜଙ୍ଗ ବ୍ଲକ୍‌ର କାଠକୋଟ, ଗୋବର୍ଦ୍ଧନପୁର, କୁକୁରଖାଇ ଓ ହଂସୁରା ଅଂଚଳ ପରିଦର୍ଶନ କରି ବନ୍ୟା କ୍ଷତିଗ୍ରସ୍ତ ଲୋକମନାଙ୍କ ସହିତ ଆଲୋଚନା କରିଥିଲେ । ଏତଦ୍‌ସହିତ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟର ମାନ ପରୀକ୍ଷା କରିଥିଲେ । ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ସାନିଟାରୀ ପ୍ୟାଡ୍, ଔଷଧ, ବିସ୍କୁଟ, ଦୁଗ୍ଧ ଗୁଣ୍ଡ, ଗୋଖାଦ୍ୟ, ପାନୀୟ ଜଳ ଯୋଗାଣ କରାଯାଉଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ସ୍କାଉଟସ୍ ଏବଂ ଗାଇଡସ୍ ତରଫରୁ ବନ୍ୟାବିପନ୍ନଙ୍କୁ ରିଲିଫ ସହାୟତା



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବନ୍ୟାର କରାଳ ପ୍ରକୋପରେ ବିଭିନ୍ନ ଜିଲ୍ଲାରେ ବନ୍ଧ ଭାଙ୍ଗି ଘରଦ୍ୱାରା ସବୁ ଭାସିଯାଇଛି ଏବଂ ଲୋକମାନେ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତି। ସେଥିପାଇଁ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍କାଉଟ ଦଳ ବିଭିନ୍ନ ଜିଲ୍ଲାରେ ସ୍କାଉଟ ମାଷ୍ଟର, ରୋଭରମାନଙ୍କ ସହାୟତାରେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଅତ୍ୟାବଶ୍ୟକୀୟ ସାମଗ୍ରୀ ଚୁଡ଼ା, ଗୁଡ଼, ଅମୁଲ, ବିସ୍କୁଟ, ପାଣି, ମହମବତୀ, ଦିଆସିଲି ଓ ଗୋଖାଦ୍ୟ ଆଦି ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ସ୍କାଉଟ ଗାଇଡ୍‌ମାନଙ୍କର ଏହି କାର୍ଯ୍ୟକୁ ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚି ନାୟକ ପ୍ରଶଂସା କରିବା ସହିତ ଏହି ରିଲିଫ କାର୍ଯ୍ୟକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ।

# ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ରାୟ ମଣ୍ଡପ ପରିସରରେ ସ୍କୁଲର ସଭାପତି ନଟବର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ୱାମୀଜୀ ଭାଷ୍କୁ ବ୍ରହ୍ମାନନ୍ଦ ଯୋଗଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଗୁରୁଜୀ, ଗୁରୁମାଙ୍କୁ ଦିଗଦର୍ଶନ ଦେଇଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ଜୀବନଚର୍ଯ୍ୟାକୁ ଅନୁସରଣ କରିବାକୁ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ପିଲାମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ତଥା ସମାଜସେବୀ ହରିହର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଛନ୍ତି। ଅନ୍ୟତମ ଅତିଥିଭାବେ ଯୁବ ଆଇନଜୀବୀ ପାର୍ଥସାରଥୀ ରାୟ ଅନୁଷ୍ଠାନକୁ ଆଗେଇ ନେବା ପାଇଁ ସମସ୍ତଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଅତିଥିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଅଛି। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ମହେଶ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ନୃତ୍ୟ ନିର୍ଦ୍ଦେଶକ ଓ୍ୱାଜିଦଙ୍କ ଦ୍ୱାରା ପ୍ରଶିକ୍ଷଣ ନେଇଥିବା ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା



ଭୁବନେଶ୍ୱର (ପିଏନ୍): ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଅଖ୍ୟାତ ପଲ୍ଲୀର ଦୁଇ ଆଦିବାସୀ ବିଦ୍ୟାର୍ଥୀ ଗାଁର ଟେକ ରଖିଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏହି ଦୁଇ ଆଦିବାସୀ ବିଦ୍ୟାର୍ଥୀ ହେଉଛନ୍ତି ବର୍ଷା ମୁଣ୍ଡା ଓ ପିତର ଚାତାର। ଧଉଳି ଋରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଏହି ଦୁଇ ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଉତ୍କୃଷ୍ଟ ଚିତ୍ରକଳା ପ୍ରଦର୍ଶନ କରିଥିବାରୁ ଦୁହିଁଙ୍କୁ ମିଳିଛି ସ୍ୱର୍ଣ୍ଣପଦକ ସହ ମାନପତ୍ର। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇ ବିଦ୍ୟାର୍ଥୀଙ୍କୁ କଣ୍ଟାବାଡ଼ସ୍ଥିତ ଭଗବତୀ ଆଶ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଛତାବର ଗ୍ରାମ ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା ଏବଂ ପ୍ରିୟବ୍ରତ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ମାନପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଅଗମ୍ୟ ଅଞ୍ଚଳରେ ରହୁଥିବା ଶିଶୁମାନଙ୍କ ମଧ୍ୟରେ ରହିଥିବା ସୃଜନଶୀଳତା ଓ ପ୍ରତିଭାର ବିକାଶ ହିଁ ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ବୋଲି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। ଆଗାମୀ ଦିନରେ ଅଗମ୍ୟ ଆଦିବାସୀ ଇଲାକା ଗୁଡ଼ିକରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ରୂପେ ପ୍ରଚାର ଓ ପ୍ରସାର କରାଯିବାର ଲକ୍ଷ୍ୟ ରହିଛି ବୋଲି କନ୍ଦଳେଇ ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରକାଶ କରିଛନ୍ତି।

# ବନ୍ୟାଂଚଳରେ ଶୁଖିଲା ଖାଦ୍ୟ ବଂଟନ

ଖୋର୍ଦ୍ଧା (ପିଏନ)- ଯୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ରୀନାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ବନ୍ୟା ପ୍ରଭାବିତ ଅଂଚଳ ଶରଧାପୁର, ଧବଳପୁର ଓ ବଳପୁରରେ ଶୁଖିଲା ଖାଦ୍ୟ ଚୁଡା, ଚିନି, ବିସ୍କୁଟ, ଦିଆସିଲି ଓ ମହମବତୀ ବଂଟନ କରାଯାଇଛି। ଏଥିରେ ଅନୁଷ୍ଠାନର ସଦସ୍ୟ ବିଚିତ୍ର ସେନାପତି,ପ୍ରଜ୍ଞା ପାରମିତା, ବିକାଶ ପଟ୍ଟରାସିଂ, ଅନୁପମା ନାୟକ ଓ ପ୍ରତିମା ନାୟକ ପ୍ରମୁଖ ସହଯୋଗ କରିଥିଲେ।




# ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା

ଓଡ଼ିଆ ଭାଗବତରେ ଅଛି: ***"ସାକ୍ଷାତେ ଗୁରୁ ଯେ ଈଶ୍ୱର/ଗୁରୁଙ୍କୁ ନମଣିବ ନର। ଗୁରୁଟି ସର୍ବ ଧର୍ମମୟେ/ମୁହିଁ ବସଇ ଗୁରୁଦେହେ। ଏ ଘେନି ଗୁରୁ ଭଗବାନ/ସେ ନୋହେ ମନୁଷ୍ୟ ସମାନ। ମୋତେ ପୂଜିବ ଗୁରୁଦେହେ/ମୋ ତହୁଁ ଗୁରୁ ଭିନ୍ନ ନୋହେ। ମନ ବଚନ ନିଜ ଦେହେ/ନିତ୍ୟ ସେବିବ ଗୁରୁ ପାୟେ।"***



ଅର୍ଥାତ୍ ଗୁରୁହିଁ ଈଶ୍ୱର। ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା। ଗୁରୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମକକ୍ଷ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି। ସିଏହିଁ ପ୍ରକୃତ ଗୁରୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆମକୁ ଜ୍ଞାନ ରୂପକ ଆଲୋକ ନିକଟକୁ ଆଣିଥାଆନ୍ତି। ବହୁ ପୁରାତନ କାଳରୁ ଭାରତବର୍ଷରେ ଗୁରୁ ଓ ଶିଷ୍ୟ ପରମ୍ପରା ଚାଲିଆସିଛି। ଗୁରୁ ଏବଂ ଈଶ୍ୱରଙ୍କ ମଧ୍ୟରେ କିଏ ବଡ଼? ଏହି ଅର୍ଥରେ ଶାସ୍ତ୍ର ଏବଂ ଉପନିଷଦମାନେ କୁହନ୍ତି ଯେ ଗୁରୁଙ୍କ ସ୍ଥାନହିଁ ପ୍ରଥମ। କାରଣ ଗୁରୁଙ୍କର ଆଶୀର୍ବାଦ ବିନା ଈଶ୍ୱର କୃପା ମିଳି ପାରିବ ନାହିଁ। ଗୁରୁହିଁ ସକଳ କୃତିତ୍ୱର ମାର୍ଗ ଏବଂ ମାର୍ଗଦର୍ଶକ। ଉପଯୁକ୍ତ ଗୁରୁ ଏବଂ ତାଙ୍କର ଆଦର୍ଶ ପାଇଁ ଶିଷ୍ୟମାନେ ଧନ୍ୟ। ଅନ୍ୟ ଅର୍ଥରେ ଉପଯୁକ୍ତ ଶିଷ୍ୟହିଁ ଉପଯୁକ୍ତ ଗୁରୁର ମର୍ଯ୍ୟଦା ରକ୍ଷାକରିପାରେ।



ଗୁରୁଙ୍କ ଆଶୀର୍ବାଦରେ ପଙ୍ଗୁ ବି ପର୍ବତ ଲଙ୍ଘିପାରେ ଏବଂ ଅଭିଶାପରୁ ଠିକ୍‌ବେଳେ ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ମନ୍ତ୍ର ମନେ ନପଡ଼ିବା ଏବଂ ରଥଚକ ଭାଙ୍ଗିଲା ପରି, ଶିଷ୍ୟର ପ୍ରଭୂତ କ୍ଷତି ହୋଇଥାଏ। ପ୍ରାକ୍ ବୈଦିକ ଯୁଗରେ ଏଯାବତ୍ ସାରା ବିଶ୍ୱରେ ଗୁରୁଶିଷ୍ୟଙ୍କ ସଂପର୍କ ଅଧ୍ୟୟନ କଲେ ଛାତ୍ରଙ୍କ କୃତିତ୍ୱ ପାଇଁ : ଗୁରୁ କୃପା କେବଳମ୍। ହିନ୍ଦୁ ଧର୍ମରେ ଦ୍ରୋଣ, ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକିଙ୍କ ଭଳି ବହୁ ମହାନ ଗୁରୁମାନଙ୍କର ଦୃଷ୍ଟାନ୍ତ ଥିଲାବେଳେ ସେମାନଙ୍କର ଯୋଗ୍ୟତମ ଶିଷ୍ୟ ଯଥାକ୍ରମେ ଅର୍ଜୁନ, ରାମ, ଲବକୁଶ ଏବଂ ଏକଲବ୍ୟ ଭଳି ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି। ରାଜନୀତି କ୍ଷେତ୍ରରେ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ, ଗୁରୁ ରାମଦାସ ଓ ଶିବାଜୀ ଏବଂ ଏମିତି ଆହୁରି ଅଛନ୍ତି। ରମାକାନ୍ତ ଆକରେକର ଏବଂ ସଚିନ ତେନ୍ଦୁଲକର, କପିଳଦେବ ଓ ଆଜାଦ୍‌ଙ୍କର କଥା ଉଲ୍ଲେଖନୀୟ। ବେଦ ଯୁଗରେ ସଂଖ୍ୟାଧିକ ଗୁରୁଙ୍କର ଗୁରୁତ୍ୱ ଥିଲା କାରଣ ବେଦଗୁଡ଼ିକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶ୍ରୁତି କୁହନ୍ତି। ଏହାକୁ ଶୁଣାଇବା ପାଇଁ ଗୁରୁମାନଙ୍କର ଯଥେଷ୍ଟ ଆବଶ୍ୟକତା ଥିଲା ଉଭୟ ଜ୍ଞାନରେ ଓ ସଂଖ୍ୟାରେ।

ସେହିପରି ବିଶ୍ୱର ମାନସିକ ତଥା ବୌଦ୍ଧିକ ପରିବ ନରେ ଗୁରୁମାନଙ୍କର ସ୍ଥାନ ଅନସ୍ୱୀକାର୍ଯ୍ୟ। ଏ ଦୃଷ୍ଟିରୁ କନଫୁସିୟସ, ଲାଓ୍‌ସି ଗାରିବାଲ୍‌ଡ଼ି ଏବଂ ମହାତ୍ମା ଗାନ୍ଧିଙ୍କ ପରି ଗୁରୁମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ। ଦର୍ଶନ କ୍ଷେତ୍ରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରି ଗୁରୁଙ୍କର ପଟାନ୍ତର ନାହିଁ। ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଜୋହାନ ଆମୋସ ଓ କୋମେନିଅସ୍, ସେମିତି ସଂପର୍କରେ ଅରିଷ୍ଟୋଟଲ ଓ ଆଲେକ୍‌ଜଣ୍ଡାର, ଏହିକ୍ରମରେ ସକ୍ରେଟିସ୍ ଇତ୍ୟାଦି କେତେ ବିଶ୍ୱଗୁରୁ ଅଛନ୍ତି ଯାହାଙ୍କ ଯୋଗୁଁ ଗୁରୁ ଓ ଶିଷ୍ୟ ଉଭୟ ଧନ୍ୟ, ଅର୍ଥାତ୍ ଯେମିତି ଗୁରୁଙ୍କୁ ସେମିତି ଶିଷ୍ୟ। ଗୁରୁହିଁ ଦ୍ୱିତୀୟ ପିତାମାତା। ସମାଜ ଓ ବ୍ୟକ୍ତି ପାଇଁ ଗୁରୁ ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ, ଯେଉଁଥିରେ ଗୁରୁଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ହାତ ବା ପ୍ରେରଣା ନାହିଁ।

ଛାତ୍ରଛାତ୍ରୀଙ୍କର ଭବିଷ୍ୟ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ସେହିମାନେହିଁ ତାଙ୍କ କଳାର କୁଶଳରେ ରାଷ୍ଟ୍ର ଗଠନ କରନ୍ତି। ଏଣୁ ସମାଜରେ ସେହିମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରି ୧୯୮୪ ମସିହା ଅକ୍ଟୋବର ୫ ତାରିଖ ଠାରୁ ବିଶ୍ୱ ଶିକ୍ଷକ ବା ଗୁରୁଦିବସ ପାଳିତ ହୋଇଆସୁଛି। ବ ମାନ ବିଶ୍ୱର ଶତାଧିକ ଦେଶ ଏହି ଦିବସଟିକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରନ୍ତି। ଏଥିପାଇଁ ଏଜୁକେଶନ ଇ ରନ୍ୟାସନାଲ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶିକ୍ଷକତା ବୃ ି ଉପରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି। ଶିକ୍ଷାବିତ୍ ଓ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫କୁ ପ୍ରତିବର୍ଷ ଗୁରୁ ବା ଶିକ୍ଷକ ଦିବସ ରୂପେ ଭାରତୀୟମାନେ ପାଳନ କରନ୍ତି। ଶିକ୍ଷକ ଦିବସ ପାଳନରେ ଭାରତହିଁ ପ୍ରଥମ ଦେଶ। ଏବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ଶିକ୍ଷକ ଦିବସ ପାଳନ କରନ୍ତି। ଯେମିତି ଭାରତ ପାଇଁ ସେପ୍ଟେମ୍ବର ୫, ଚୀନରେ ସେପ୍ଟେମ୍ବର ୧୦, ତାଇୱାନରେ ସେପ୍ଟେମ୍ବର ୨୮, ଯୁକ୍ତରାଷ୍ଟ୍ର ଆମେରିକାରେ ମେ ମାସ ପ୍ରଥମ ମଙ୍ଗଳବାର... ଇତ୍ୟାଦି। ତେବେ ଆନ୍ତର୍ଜାତିକ ବା ବିଶ୍ୱ ଶିକ୍ଷକ ଦିବସରୂପେ ଅକ୍ଟୋବର ୫କୁ ପାଳନ କରାଯାଏ। ଆସନ୍ତୁ ଆମେ ଏହାର ଅଂଶୀଦାର ହେବା। ***... ତସ୍ମୈ ଶ୍ରୀ ଗୁରୁବେ ନମଃ॥***

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଶ୍ରୀ ବିରଜା ସେବା ସମିତି ଆନୁକୁଲ୍ୟରେ ତ୍ରିଦିବସୀୟ ମା'ଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଜନ ସମାରୋହ ଉଦ୍‌ଯାପିତ

ଯାଜପୁର (ପିଏନ୍): ଶ୍ରୀ ବିରଜା ସେବାସମିତି ଆନୁକୂଲ୍ୟରେ ମା' ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ତ୍ରିଦିବସୀୟ ରଥଯାତ୍ରାର ଧାରାବିବରଣୀ ଓ ଭଜନ ସମାରୋହ ଉତ୍ସବ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି। ସଂପାଦକ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଯାଜପୁରର ସଂସ୍କୃତିକ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯଥାକ୍ରମେ ଉଦ୍‌ଘାଟନ ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବାସମିତି ଏହିପରି ମା'ଙ୍କ ସେବାରେ ଲାଗିଥା'ନ୍ତୁ ଓ ସମିତିର ଉ ରୋ ର ଉନ୍ନତି ହେଉ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ମହାଷ୍ଟମୀରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ମନ୍ଦିର ପରିସରରେ ଭକ୍ତମାନଙ୍କୁ ବ ନ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ସୂର୍ଯ୍ୟମଣି ଖୁ ିଆ, ଡଃ ଜୟକୃଷ୍ଣ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କାହ୍ନୁଚରଣ ମିଶ୍ର, ନିତ୍ୟାନନ୍ଦ ଦେଓ, ଅଧିକାରୀ ନବକିଶୋର ଦାସ, ଗଦାଧର ରାଉତ, ଗିରିଧାରୀ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ରଥ ଯାତ୍ରାର ଧାରା ବିବରଣ ପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଂଚରେ ସଭାପତିଙ୍କୁ ସହଯୋଗ କରିଥିଲେ। ସଭ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ହରିହର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ପ୍ରବୋଧ କୁମାର ନାୟକ ପ୍ରମୁଖ ସଭ୍ୟମାନେ ମଂଚରେ ସହଯୋଗ କରିଥିଲେ। ଉମାକାନ୍ତ ପାଢ଼ୀ ଓ ତାଙ୍କର ଦଳ ୩ଦିନ ଧରି ମା'ଙ୍କ ଭଜନ ପରିବେଷଣ କରିଥିଲେ। ସଂପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପଣ କେମିତି ପିତାମାତା !

ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।



### ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**

# ବାଳିଆ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ



ପାରାଦୀପ (ପିଏନ୍); ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତରେ ବିଜେପି ପକ୍ଷରୁ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସରେ ଦୁଇ ଦୁଇଟି ମିଶ୍ରଣ ପର୍ବ ଆୟୋଜନ କରି ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିରୋଧୀ ଦଳର ନେତାଙ୍କୁ ଚମକାଇ ଦେଇଛନ୍ତି। ଗତଥର ଉଭୟ ବିଜେଡ଼ି ଓ କଂଗ୍ରେସ ଦଳର ସମର୍ଥିତ ନାଏବ ସରପଂଚ, ୱାର୍ଡ଼ ସଭ୍ୟ ଓ କର୍ମୀ ଆନୁଷ୍ଠାନିକ ଭାବରେ ବିଜେପିରେ ଯୋଗ ଦେଇଥିବା ବେଳେ ପଂଚାୟତର ମହିମା ଅଲେଖ ମଠରେ ଆୟୋଜିତ ମିଶ୍ରଣ ପର୍ବ ପଦ୍ମ ଧରିଛନ୍ତି ବାଲିଆ ପଂଚାୟତ ସରପଂଚ ସରୋଜିନୀ ନାୟକ। ଏହାସହ ତାଙ୍କ ଦଳର ୧୦ ଜଣ ୱାର୍ଡ଼ ସଭ୍ୟଙ୍କ ସମେତ ଶତାଧିକ ସହଯୋଗୀ ଦଳରେ ସାମିଲ ହୋଇଥିବା ଏହି ନେତା ଓ କର୍ମୀମାନଙ୍କୁ ବିଜେପି ନେତା ସମ୍ପଦ ସ୍ୱାଗତ କରିବା ସହ ଏହାଦ୍ୱାରା ତୃଣମୂଳ ସ୍ତରରେ ସଂଗଠନ ଆହୁରି ମଜବୁତ ହେବ ବୋଲି କହିଛନ୍ତି। କୁଜଙ୍ଗ ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ ଓ ଗୋପିଆକୁଦ ସରପଂଚ ଶ୍ରୀନିବାସ ସ୍ୱାଇଁଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦି ସରକାରଙ୍କର ସୁଶାସନ ଓ ପାରାଦୀପର ବିକାଶ ଦିଗରେ କେନ୍ଦ୍ରର ପଦକ୍ଷେପକୁ ନେତାମାନେ ପ୍ରଶଂସା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଓଡ଼ିଶାରେ ଶିକ୍ଷାର ବିକାଶ ଓ ସାଧାରଣ ଜନତାଙ୍କ ସ୍ୱାବଲମ୍ବୀ କରାଇବା ଦିଗରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଗୁରୁ ଦିବସରେ ଭାରତର ପ୍ରତ୍ୟେକ ବ୍ଲକରେ ଶିକ୍ଷାର ବିକାଶ ପାଇଁ ଯୋଜନା ପ୍ରଣୟନ କରିଛନ୍ତି। ଯାହାଦ୍ୱାରା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱ ପ୍ରତି ଜନତାଙ୍କ ବିଶ୍ୱାସ ବଢ଼ି ଚାଲିଛି। ଅନୁରୂପ ଭାବେ କୋଭିଡ୍ ମହାମାରି ସମୟରେ ଲୋକଙ୍କ ସମସ୍ୟା ପ୍ରତି ଯତ୍ନଶୀଳ ହେଉ ଅବା ଚଳିତ ବର୍ଷ ବନ୍ୟା ପ୍ରଭାବିତଙ୍କ ପାଖରେ ପ୍ରଶାସନକୁ ପଛରେ ପକାଇ ପ୍ରଥମେ ପହଁଚିବା ହେଉ ସବୁଥିରେ ବିଜେପି ନେତା ବଢ଼ି ବଢ଼ି ଚାଲିଥିବା ବେଳେ କଂଗ୍ରେସ ଏହାର ବିରୋଧ ନ କରି ସମ୍ପୂର୍ଣ୍ଣ ଚୁପ୍ ରହୁଛି। ଏଣୁ ବାଧ୍ୟହୋଇ ଆମେ ବିଜେପି ଉପରେ ଭରସା ରଖି ଦଳରେ ମିଶିଛୁ ବୋଲି ଏହି ନେତାମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ସରପଂଚ ଶ୍ରୀମତି ନାୟକଙ୍କ ସମେତ ୱାର୍ଡ଼ ସଭ୍ୟ ସୌମେନ୍ଦ୍ର ପ୍ରଧାନ, ନିରୂପମା ପ୍ରଧାନ, ପ୍ରତାପ ସେଠୀ, ସୁଷମା ସ୍ୱାଇଁ, ପଦ୍ମିନୀ ଦଲାଇ, ସସ୍ମିତା ମହାନ୍ତି, କଲ୍ୟାଣୀ ବେହେରା, ନରେଶ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଶୁଭ ଦାସ, ପ୍ରକାଶ ପ୍ରଧାନ, ବୁନୁ ବାରିକ, ବାପିନା ପ୍ରଧାନ, ମନ ନାଥ, ଚରଣ ସେଠୀ, ମାନସ ସ୍ୱାଇଁ, ସୁନାକର ପ୍ରଧାନ, ହାପି ନାଥ, ଦିନ ଛଟେଇ, ମୂଳିଆ ଦାଶ, ମନ ଦାଶ, ସୁରେନ୍ଦ୍ର ସ୍ୱାଇଁ, କୈଳାଶ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଫକିର ପଲେଇ, ମୁରଲି ପଲେଇ ଓ ଗନ୍ଧର୍ବ ପଲେଇଙ୍କ ସମେତ ଶତାଧିକ ବିଜେଡ଼ି ଓ କଂଗ୍ରସ କର୍ମୀମାନେ ବିଜେପିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ବାରିକ ଓ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକଶ କରିଛନ୍ତି। ସୂଚନା ଥାଉ କି, ୨୦୧୯ ମସିହା ଅଗଷ୍ଟ ୧୭ ତାରିଖ ବାଲେଶ୍ୱର ସିଂଲା ଥାନା ଅ ଳର ଜନୈକା ନାବାଳିକାକୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ସଞ୍ଜୟ ଦାସ ଦୁଷ୍କର୍ମ କରିଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ବାବଦରେ ସିଂଲା ଥାନା ପକ୍ଷରୁ ୧୨୦/୨୦୧୯ ଦଫା ୩୪୨, ୩୨୪, ୩୭୬, ୫୦୬ ଆଇପିସି ୬ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସମସ୍ତ ନଥିପତ୍ରକୁ ଭି ି କରି ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପିଡ଼ିତାକୁ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବ ୯ ମିଲିୟନ ଡଲାରର ଗ୍ଲୋବାଲ ସିଟି ଚ୍ୟାଲେ

ଭୁବନେଶ୍ୱର,(ପି.ଏନ): ଟୋୟୋଟା ମୋବିଲିଟି ଫାଉଣ୍ଡେଶନ ପକ୍ଷରୁ ଚ୍ୟାଲେ ୱର୍କସ୍ ଓ ୱାର୍ଲ୍ଡ ରିସୋର୍ସେସ୍ ଇନ୍ଷ୍ଟିଚ୍ୟୁଟ୍ ସହ ସହଭାଗିତାରେ ଏକ ୯ ମିଲିୟନ ଡଲାରର ଗ୍ଲୋବାଲ ଚ୍ୟାଲେ ଆରମ୍ଭ କରାଯାଇଛି । ଏହି ଚ୍ୟାଲେ ଅଧିକ ସ୍ଥିର ପରିବହନ ବ୍ୟବସ୍ଥା ପାଇଁ ସହରଗୁଡିକୁ କାର୍ବନ ନିର୍ଗମନ ହ୍ରାସ କରିବାରେ ସାହାଯ୍ୟ କରିବା, ପହଂଚରେ ସୁଧାର ଆଣିବା ଓ ଡାଟା-ପରିଚାଳିତ ବିଷୟବସ୍ତୁଗୁଡିକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ସଷ୍ଟେନେବୁଲ ସିଟିଜ୍ ଚ୍ୟାଲେ ନିଯୁକ୍ତି , ଶିକ୍ଷା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସେବାଗୁଡିକ ପ୍ରତି ପହଂଚ ବୃଦ୍ଧି କରି ଲୋକମାନଙ୍କ ଜୀବନକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି । ଏହା ଯାତାୟତ ସମାଧାନଗୁଡିକୁ କାର୍ଯ୍ୟକାରୀ କରିବା ଲାଗି ସହର ଓ ଉଦ୍ଭାବକମାନଙ୍କୁ ଏକତ୍ରିତ କରିବ ଯାହା କାର୍ବନ ନିର୍ଗମନ ହ୍ରାସ କରିପାରିବ, ଉପଲବ୍ଧତା ବୃଦ୍ଧି କରିପାରିବ ଏବଂ ସ୍ଥିର ପରିବହନ ବ୍ୟବସ୍ଥା ନିର୍ମାଣ କରିବା ଲାଗି ଡାଟାର ବ୍ୟବହାର କରିପାରିବ। ଏସମ୍ପର୍କରେ ଟୋୟୋଟା ମୋବିଲିଟି ଫାଉଣ୍ଡେଶନର ପ୍ରୋଗ୍ରାମ୍ସ ବିଭାଗର ନିର୍ଦ୍ଦେଶକ, ର୍ୟାନ୍ କ୍ଲେମ୍ କହିଛନ୍ତି, 'ଗତ ଦଶନ୍ଧିରେ ଆମର ଅନୁଭୂତି ସ୍ଥାନୀୟ ସହରର କ୍ରୟର ମହତ୍ୱ ଏବଂ ଆମର ଗତିବିଧିଗୁଡିକ ସହିତ ନିୟୋଜନକୁ ରେଖାଙ୍କିତ କରିଛି । ସଷ୍ଟେନେବୁଲ ସିଟିଜ୍ ଚ୍ୟାଲେ ସମୟରେ ଆମେ ଭବିଷ୍ୟତର ସହରଗୁଡିକ ପାଇଁ ଏକ ବିସ୍ତୃତ ମଡେଲ ବିକଶିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଚିହ୍ନଟ କରାଯାଇଥିବା ଅଂଚଳଗୁଡିକରେ ଅଭିନବ ସମାଧାନ ସନ୍ଧାନ କରିବା ପାଇଁ ସହରଗୁଡିକୁ ଆସିବାକୁ ଯୋଜନା ରଖିଛୁ ।' ସହରାଂଚଳ ଲିଡର ଓ ପୌରପାଳିକା ପ୍ରଶାସନ, ପରିବହନ ବିଭାଗ ଏବଂ ଅନ୍ୟ ସମ୍ବନ୍ଧିତ ସ୍ଥାନୀୟ ଓ ଆଂଚଳିକ ଏଜେନ୍ସିଗୁଡିକ ପାଇଁ ଏହି ଚ୍ୟାଲେର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରବେଶ ଖୋଲା ରହିଛି । ପ୍ରବେଶଗୁଡିକ ୩ଟି ବିଷୟବସ୍ତୁ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଅନୁଯାୟୀ ଦାଖଲ କରାଯିବା ଉଚିତ । ମନୋନିତ ସହରଗୁଡିକୁ ୟୁଏସ୍‌ରେ ଏକ କ୍ଷମତା ନିର୍ମାଣ ଶିକ୍ଷାନୁଷ୍ଠାନ ବା କାପାସିଟି ବିଲ୍ଡିଂ ଏକାଡେମିରେ ଯୋଗ ଦେବା ପାଇଁ ଆମନ୍ତ୍ରିତ କରାଯିବ ଏବଂ ସେମାନେ ନିଜର ଚ୍ୟାଲେ ଡିଜାଇନ୍‌କୁ ବିକଶିତ କରିବା ପାଇଁ ସହାୟତା ହାସଲ କରିବେ , ଅନ୍ୟ ଅଭିନବ ସହରୀ ଟିମ୍‌ଗୁଡିକର ଏକ ବିସ୍ତୃତ ନେଟ୍‌ୱର୍କର ଅଂଶ ହେବେ।'

## କଟକ-ଭୁବନେଶ୍ୱରରେ ପ୍ରାକ୍ ମୌସୁମୀ ବର୍ଷା,ଚାଡି ଓ ଗୁଳୁଗୁଳିରୁ ଲୋକଙ୍କୁ ମିଳିଲା ଆଶ୍ୱସ୍ତି

ଭୁବନେଶ୍ୱର, (ପି.ଏନ): କଟକ ଓ ଭୁବନେଶ୍ୱର ବାସୀଙ୍କୁ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି । ଆଜି ସକାଳେ ଉଭୟ ସହରରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ମଧ୍ୟାହ୍ନରେ ଆକସ୍ମିକ ଭାବେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି । ଏହି କାରଣରୁ ଉଭୟ ମହାନଗରର ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

# ନବମ ଶ୍ରେଣୀ ଟପ୍ପର କୁମାରୀ ପ୍ରଗତିକା ପ୍ରଧାନଙ୍କୁ 'ଆମୋଫୋଇ ପ୍ରଫେସର ରାଧାମୋହନ ମିମୋରିଆଲ୍ ସ୍କଲାରସିପ୍'ପ୍ରଦାନ

ଭୁବନେଶ୍ୱର (ପି.ଏନ): ସଂସ୍କାରବାଦୀ ସଂଗଠନ "ଆମୋଫୋଇ"ରେ ଜାତି-ଜାତକ-ଯୌତୁକଶୂନ୍ୟ ବିବାହ ଗତ ୪୩ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଅଛି । ଲଭ୍ ମ୍ୟାରେଜ୍ କରିଥିବା ଦମ୍ପତି ସଂଖ୍ୟା ଇତି ମଧ୍ୟରେ ୧୦,୩୨୨ ହୋଇଛି । ଚଳିତ ବର୍ଷ ନିଆଳି ଥାନା ଅନ୍ତର୍ଗତ ଏରଂଚସ୍ଥିତ ଏଲଏନ ସରକାରୀ ହାଇସ୍କୁଲ୍‌ର ୯ମ ରୁ ୧୦ମ କୁ ଉନ୍ନୀତ ମେଧାବିନୀ ଛାତ୍ରୀ: ପ୍ରଗତିକା ପ୍ରଧାନଙ୍କୁ "ଆମୋଫୋଇ" ପକ୍ଷରୁ ଆୟୋଜିତ ଜାତି-ଜାତକ-ଯୌତୁକଶୂନ୍ୟ ପ୍ରେମବିବାହ ଆନ୍ଦୋଳନର ୪୯ତମ ବର୍ଷିକ ଉତ୍ସବରେ ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଉତ୍ସବର ମୁଖ୍ୟବକ୍ତା ମୁଖ୍ୟବକ୍ତା ପ୍ରଫେସର ବିଜୟ ବହିଦାର, ସିପିଆଇ ଏମ୍‌ଏଲ ରେଡ଼ଷ୍ଟାର ନେତ୍ରୀ ପ୍ରମିଳା ଶିବରାମ, ସିପିଏମ୍ ନେତା ସୁରେଶ ପାଣିଗ୍ରାହୀ ଓ ସୁ-ସାହିତ୍ୟିକା ଡକ୍ଟର ବିଧୁପ୍ରଭା ରଥ ସମ୍ବର୍ଦ୍ଧିତ କରୁଛନ୍ତି। ଏଥିପାଇଁ ଛାତ୍ରୀ ପ୍ରଗତିକା ଙ୍କୁ "ଆମୋଫୋଇ" ପକ୍ଷରୁ ୬୦୦୦ ଟଙ୍କା "ଆମୋଫୋଇ ପ୍ରଫେସର ରାଧାମୋହନ ମିମୋରିଆଲ୍ ସ୍କଲାରସିପ୍" ନାମରେ ନାମିତ ବୃତ୍ତି ଚଳିତ ବର୍ଷ ପାଇଁ ପ୍ରଦାନ କରାଯାଇଛି ।

# ଘୃଣ୍ୟ ଜାତିବାଦୀଙ୍କ ଆକ୍ରମଣରେ ମୃତ ନାବାଳକ ଗୁଣନିଧି ବାଗଙ୍କ ହତ୍ୟାକାରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗଣ ପ୍ରତିବାଦ

ଭୁବନେଶ୍ୱର, (ପି.ଏନ): ଜାତିବାଦ କେତେ ଭୟଙ୍କର ତାହା ପ୍ରତିଦିନ ରାଜ୍ୟର ବିଭିନ୍ନ ଅଂଚଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମାନଙ୍କ ଉପରେ ଘଟି ଚାଲିଥିବା ବିଭିନ୍ନ ଜାତିଗତ ନିର୍ଯ୍ୟାତନା, ହିଂସା , ଗୃହଦାହ, ସାମାଜିକ ବାସନ୍ଦ ଇତ୍ୟାଦି ମାନବତା-ବିହୀନ ଘଟଣାରୁ ଜଣାପଡେ । ଅନୁସୂଚିତ ଜାତି ମାନଙ୍କ ଉପରେ ତଥାକଥିତ ଉଚ୍ଚ ବର୍ଗର ଜାତି ମାନଙ୍କ ସାମାଜିକ ଓ ଜାତିଗତ ନିର୍ଯ୍ୟାତନା ସର୍ବାଧିକ ଥିବାବେଳେ ଅନୁସୂଚିତ ଜନଜାତି ମାନଙ୍କ ଉପରେ ଅର୍ଥନୈତିକ ଶୋଷଣ ଅଧିକ। ସ୍ନେହଲତା ଛତ୍ରିଆଙ୍କ ଗଣ ବଳାତ୍କାର ଘଟଣା ଠାରୁ ଆରମ୍ଭ କରି ବରଗଡ଼ନିକଟସ୍ଥ ଲାଠୋରର ଦଳିତ ମହିଳାଙ୍କୁ ଗଣ ବଳାତ୍କାର ଓ ଗୃହଦାହ, ଗୋବିନ୍ଦ କୁମ୍ଭାରଙ୍କ ହାଜତ ମୃତ୍ୟୁ, ଗୌରେନମୁଣ୍ଡା ଗାଁ ରେ ଦଳିତ ମାନଙ୍କୁ ବାସନ୍ଦ ଓ ଅତ୍ୟାଚାର କାହାକୁ ଅଛପା ନୁହେଁ । ସଂପ୍ରତି ବଲାଙ୍ଗୀର ଜିଲ୍ଲାରେ ମୁରୀବାହାଲ ଥାନାର ଖଲିଆପାଲି ଗାଁରେ ସବର୍ଣ୍ଣଙ୍କ ପାଇଁ ଉଦ୍ଦିଷ୍ଟ ପୋଖରୀ ତୁଠରେ ଗାଧୋଇବାରୁ ଜଣେ ଦଳିତ ନାବାଳକଙ୍କୁ ପିଟିପିଟି ହତ୍ୟା କରିବା ଘଟଣା ଆମ ସମ୍ମୁଖରେ ଗଭୀର ଦୁଃଖ, କ୍ରୋଧ ଓ ଲଜ୍ଜାକୁ ଉଜାଗର କରିଛି। ଏହି ଘଟଣା ରାଜସ୍ଥାନର ସରସ୍ୱତୀ ଶିଶୁ ମନ୍ଦିରରେ ଅନୁସୂଚିତ ବର୍ଗର ଜଣେ ଛାତ୍ର ଇନ୍ଦର୍ ମେଘୱାଲ୍ ଗୁରୁଜୀଙ୍କ ପାଇଁ ଉଦ୍ଦିଷ୍ଟ ପାଣି ପାତ୍ରରୁ ପାଣି ପିଇଦେବାରୁ ତାକୁ ବାଡ଼ ?ଇ ବାଡ଼ ?ଇ ମାରିଦେବା ଭଳି ଲଜ୍ଜା ଜନକ ବର୍ବୋରୋଚିତ ଘଟଣାକୁ ପୁଣି ଆମ ସମସ୍ତଙ୍କ ଆଗରେ ଉପସ୍ଥାପିତ କରିଛି ।ଘୃଣ୍ୟ ଜାତିବାଦୀ ମାନଙ୍କ ନିର୍ମମ ଆକ୍ରମଣରେ ମୃତ ନାବାଳକଙ୍କ ହତ୍ୟାକାରୀ ମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ପ୍ରତିବାଦ ସ୍କ ?ୟାର୍ (ମାଷ୍ଟର କ୍ୟାଣ୍ଟିନ୍ ଛକ)ଭୁବନେଶ୍ୱରରେ ବିଭିନ୍ନ ମାନବାଧିକାର ଓ ଗଣ ସଂଗଠନ ମାନଙ୍କ ପକ୍ଷରୁ ଗଣ ପ୍ରତିବାଦ ଆୟୋଜିତ ହୋଇଯାଇଛି ।ପ୍ରତିବାଦ ସଭାରେ ବିଭିନ୍ନ ସଂଗଠନର ବକ୍ତା ମାନେ କହିଥିଲେ ଯେ ଆମକୁ ବିଚାର ବିମର୍ଷ କରିବାର ଅଛି ଯେ କାହିଁକି ଏପରି ଘଟୁଛି ଓ କେଉଁ କେଉଁ କାରଣ ଏଥିପାଇଁ ଦାୟୀ ? ଏଭଳି ଘଟଣା ଗୁଡ଼ିକୁ ପ୍ରୋତ୍ସାହନ ଦେଉଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କାରଣ ଗୁଡିକ କ'ଣ ? କିପରି ଆମେ ସମ୍ମିଳିତ ଭାବେ ଏପରି ଘଟଣା ଗୁଡ଼ିକର ପ୍ରତିକାର ଓ ପ୍ରତିରୋଧ କରିପାରିବା ?ଅନୁସୂଚିତ ବର୍ଗର ଜନସାଧାରଣଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଯ୍ୟାତନା, ବିଭତ୍ସ ଜାତିପ୍ରଥା ଓ ଜାତିବାଦୀ ମାନସିକତା ବିରୋଧରେ ଏକାଠି ହେବାକୁ ଏବଂ ଏହି ବିଭତ୍ସ ମାନସିକତା କୁ ପ୍ରଥମେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଭାବେ ମୁକାବିଲା କରିବା ପାଇଁ ସମସ୍ତ ବକ୍ତା ମାନେ ଏହି ଗଣ ପ୍ରତିବାଦରେ ଆହ୍ୱାନ ଦେଇଥିଲେ । ଆଜିର ଏହି ପ୍ରତିବାଦରେ ସର୍ବଶ୍ରୀ ନରେନ୍ଦ୍ର ମହାନ୍ତି, ସୁରେଶ୍ ପାଣିଗ୍ରାହୀ, ରାଧାକାନ୍ତ ସେଠୀ, ସଂଘମିତ୍ରା ଜେନା, ବିଶ୍ୱପ୍ରିୟ କାନୁନଗୋ, ମହେନ୍ଦ୍ର ପରିଡ଼ା, ଚାମ୍ପରୁ ସୋରେନ୍, ପଞ୍ଚାନନ ସେନାପତି, ପ୍ରଭାସ ସାମନ୍ତରାୟ, ସସ୍ମିତା ଜେନା, ସୂର୍ଯ୍ୟମଣି ମିଶ୍ର, ଜୟନ୍ତ ଦାସ, ସତୀଶ୍ ମିଶ୍ର, ପ୍ରଦୀପ୍ତ ନାୟକ, ଅଶୋକ ମଲ୍ଲିକ, ଶଙ୍କର ପାଣି, ମାନସ ଜେନା, ରୁମିତା କୁଣ୍ଡୁ, ଛାତ୍ର ନେତା ଷ୍ଟାଲିନ୍, ମନୋଜ, ଶ୍ରୀମନ୍ତ ମହାନ୍ତି, ଲେଲିନ୍ କୁମାର ଓ ଅନ୍ୟ ମାନେ ଯୋଗ ଦେଇଥିଲେ।

# ଏକ ସମୃଦ୍ଧ ବିଶ୍ୱ ଗଢ଼ିବା ପାଇଁ ଜି ୨୦ ରାଷ୍ଟ୍ର ସମୂହ ପ୍ରତିଶ୍ରୁତିବଦ୍ଧ: ଧର୍ମେନ୍ଦ୍ର ପ୍ରଧାନ

ପୁନେ, (ପି.ଏନ): ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିବେଶ କଲେ ମାନବ ଜାତିର ପ୍ରଗତିରେ ହିଁ ନିବେଶ ହୋଇଥାଏ । ଜି-୨୦ର ରାଷ୍ଟ୍ର ସମୂହ ଓ ସଦସ୍ୟମାନେ ଜ୍ଞାନ, କୌଶଳ, ସାମାଜିକ ଆର୍ଥିକ ଦୂରତାକୁ ହ୍ରାସ କରିବା ସହ ଜୀବନବ୍ୟାପୀ ଶିକ୍ଷା ଗ୍ରହଣର ସୁଯୋଗ ମାଧ୍ୟମରେ ନାଗରିକଙ୍କୁ ସଶକ୍ତ କରିବା ସହ ଏକ ସମୃଦ୍ଧ ବିଶ୍ୱ ଗଢିବା ପାଇଁ ଆଗେଇ ଆସିବା ଖୁସିର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପୁନେରେ ଅନୁଷ୍ଠିତ 'ଚତୁର୍ଥ ଶିକ୍ଷା ୱାର୍କିଂ ଗ୍ରୁପ ଏବଂ ମନ୍ତ୍ରୀସ୍ତରୀୟ ବୈଠକ'ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀର ଶିକ୍ଷା ୱାର୍କିଂ ଗ୍ରୁପ ବୈଠକ ଶିକ୍ଷାକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ଫଳାଫଳର ପ୍ରତିବଦ୍ଧତାକୁ ଦୋହରାଇଛି । ସବୁ ଦେଶ ନାଗରିକଙ୍କୁ ଶିକ୍ଷା ଏବଂ ଦକ୍ଷତା ଉପରେ ଅଧିକ ପ୍ରାଧାନ୍ୟ ଦେବା ସହ ନାଗରିକଙ୍କ ଶିକ୍ଷା ଆହରଣକୁ ଜୀବନବ୍ୟାପୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିବାକୁ ହେବ ।ଜି-୨୦ ବୈଠକରେ ଉଦଘାଟନୀ




ସମାରୋହରେ ବିଭିନ୍ନ ଦେଶର ମନ୍ତ୍ରୀ, ପ୍ରତିନିଧି ମଣ୍ଡଳି ଓ ୟୁନିସ୍କ ?, ୟୁନିସେଫ ଓ ଓଇସିଡି ସହ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜି -୨୦ ବୈଠକ ମନ୍ତ୍ରୀସ୍ତରୀୟ ଆଲୋଚନାରୁ ଉର୍ଦ୍ଧ୍ୱକୁ ଯାଇ ସ୍କୁଲ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ଦକ୍ଷତା ପରିସଂସ୍ଥାନର ୫.୨ କୋଟିରୁ ଉର୍ଦ୍ଧ୍ୱ ଷ୍ଟେକହୋଲଡର ଯୋଡି ହେବା ଖୁସିର ବିଷୟ । ଏହା ହିଁ ବାସ୍ତବରେ ବସୁଧୈବ କୁଟୁମ୍ବକମ କଥାବସ୍ତୁ ତଥା ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତର ଆତ୍ମାକୁ ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାରରେ ମାନବ ଜାତିର କଲ୍ୟାଣ ଏବଂ ଗୁଣାତ୍ମକ ଶିକ୍ଷା ସହ ସୁଶାସନ ହେଉଛି ଭାରତର ଉଦ୍ଦେଶ୍ୟ । ଆମକୁ ସୁନିଶ୍ଚିତ କରିବାକୁ ପଡିବ ଯେ ସମଗ୍ର ବିଶ୍ୱର ଶିଶୁ ଓ ଯୁବପିଢି ସାମଗ୍ରିକ ଶିକ୍ଷାରୁ କିପରି ଲାଭ ପାଇବେ ଏବଂ ଏକବିଂଶ ଶତାବ୍ଦୀର କୌଶଳରେ ସଶକ୍ତ ହେବେ । ବ୍ରାଜିଲର ଅଧ୍ୟକ୍ଷତାରେ ଆଗାମୀ ଦିନରେ ହେବାକୁ ଥିବା ଜି-୨୦ ବୈଠକକୁ ଭାରତ ସମର୍ଥନ କରୁଛି । ଶିକ୍ଷା କ୍ଷେତ୍ରରେ ଥିବା ଆହ୍ୱାନକୁ ଚିହ୍ନଟ କରିବାରେ ଭାରତ ବ୍ରାଜିଲ ସହ କାର୍ଯ୍ୟ କରିବ ତଥା ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପକୁ ସକରାତ୍ମକ ପରିବର୍ତ୍ତନର ପ୍ରେରକ ଭାବେ ଉପସ୍ଥାପନା କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସାଉଦି ଆରବର ଶିକ୍ଷା ମନ୍ତ୍ରୀ ୟୋସେଫ୍ ଅଲ୍ ବେନୟାନଙ୍କ ସହ ଉଚ୍ଚ ଶିକ୍ଷାରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ବୃତ୍ତି ତଥା ବିଶେଷ ଭାବରେ ଉର୍ଜା ଓ ପେଟ୍ରୋକେମିକାଲ କ୍ଷେତ୍ରରେ ସୁଯୋଗ ପ୍ରଦାନ କରିବା ଦିଗରେ ଆଲୋଚନା କରିଥିଲେ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।





2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday June 23, 2023 ଭୁବନେଶ୍ୱର ଶୁକ୍ରବାର, ଜୁନ ୨୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ଓାର୍ଡରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କର୍ପୋରେଟର ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ମଧ୍ୟରେ ସାମନ୍ତ ବିହାର ଠାରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବରିଷ୍ଠ ନାଗରିକ ଗୃହ ଓ ଲକ୍ଷ୍ମୀ ବିହାର ଠାରେ ସମାନ ବ୍ୟୟରେ ମହିଳା ସମିତି ଗୃହ ନିର୍ମାଣ କରାଯିବ । ବିଧାୟକ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର ହୋଇଥିବାରୁ ବରିଷ୍ଠ ନାଗରିକ ସଂଘ ଓ ମହିଳା ସମିତି ପକ୍ଷରୁ ବିଧାୟକ ଓ କର୍ପୋରେଟରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସେହିପରି ଆରଆରଏଲ



ପରିସରରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଧାୟକଙ୍କ ପାଣ୍ଠିରେ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପିଲାଙ୍କ ମଧ୍ୟାହ୍ନ ଭୋଜନାଳୟର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସମ୍ପାଦକ ପ୍ରସନ୍ନ କୁମାର ସାହୁ, ଆଇନଜୀବୀ ସମରେନ୍ଦ୍ର ସାହୁ, ଯୁବନେତା ଚଗଲା ଜେନା, ମିଟୁ ପରିଡା, ହିତେଶ ଜେନା, ତପନ ରାଉତରାୟ, ଅଜିତ କୁମାର ଦାସ, ପ୍ରିତମ ସ୍ୱାଇଁ, ବସନ୍ତ ତ୍ରିପାଠୀ ଓ ବରିଷ୍ଠ ନାଗରିକ, ମହିଳା, ଯୁବ, ଛାତ୍ରମାନେ ଉପସ୍ଥିତ ଥିଲେ ।

## କାର୍ଯ୍ୟକ୍ଷମ ହେଲା ଅତିରିକ୍ତ ଆୟୁକ୍ତ ବନ୍ଦୋବସ୍ତ ଓ ଚକବନ୍ଦୀଙ୍କ କ୍ୟାମ୍ପ୍ କୋର୍ଟ

କେନ୍ଦୁଝର, (ପି.ଏନ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ (ଅତିରିକ୍ତ ଜିଲ୍ଲାପାଳ, ବନ୍ଦୋବସ୍ତଙ୍କ କାର୍ଯ୍ୟାଳୟଠାରେ) ଚଳିତ ଜୁନ ୨୧ ତାରିଖରୁ କାର୍ଯ୍ୟକ୍ଷମ ହୋଇଛି ଆଡିସିନାଲ୍ କମିଶନର ସେଟେଲମେଂଟ୍ ଓ କନସଲିଡେସନ୍ (ଅତିରିକ୍ତ ଆୟୁକ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ)ଙ୍କ କ୍ୟାମ୍ପ୍ କୋର୍ଟ । ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀମତୀ ମଧୁମିତା ନାୟକ ଆଡିସିନାଲ୍ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରି କ୍ୟାମ୍ପ୍ କୋର୍ଟ ଆରମ୍ଭ କରିଛନ୍ତି । ଜନସାଧାରଣଙ୍କ ହିତ ଓ ସ୍ୱାର୍ଥ ଦୃଷ୍ଟିରୁ ଏବଂ ବକେୟା ପଡିଥିବା ମାମଲାଗୁଡିକର ଫଇସଲା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ପର୍ଷଦଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କେନ୍ଦୁଝରଠାରେ ଆଡିସିନାଲ କମିଶନର ସେଟେଲମେଂଟ୍ ଓ କନସଲିଡେସନଙ୍କ କ୍ୟାମ୍ପ୍ କୋର୍ଟ ଖୋଲାଯାଇଛି ।

## ମହାବାଲିପୁରମଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଭାରତର ଜି୨୦ ପ୍ରେସିଡେନ୍ସି ଅଧିନରେ ଜି୨୦ ସଷ୍ଟେନେବଲ ଫାଇନାନ୍ସ ଓ୍ୱାର୍କିଂ ଗ୍ରୁପ୍ ମହାବାଲିପୁରମଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବା ସହିତ ଏହାର ଶେଷ ଦିନ ଆରମ୍ଭ କରାଯାଇଥିଲା । ଏହି ବୈଠକରେ ପ୍ରାୟ ୧୦୦ ଜଣ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ସ୍ଥାୟୀ ବିକାଶକୁ ଆର୍ଥିକ ସହାୟତା ଦେବା, ଜଳବାୟୁ ପରିବର୍ତ୍ତନ ପାଇଁ ଆର୍ଥିକ ସମ୍ବଳର ସମୟାନୁବର୍ତ୍ତୀ ତଥା ଉପଯୁକ୍ତ ସଂଗ୍ରହ, ସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ଆର୍ଥିକ ସହାୟତା ଏବଂ ପରିବେଶ ପାଇଁ ଇକୋସିଷ୍ଟମର ଦକ୍ଷତା ବୃଦ୍ଧି ନିମନ୍ତେ ଆଲୋଚନା କରାଯାଇଥିଲା । ଏହାର ଅଧିବେଶନରେ ପ୍ରତିନିଧିମାନ ମୁଖ୍ୟତଃ ଜଳବାୟୁ ସମ୍ବନ୍ଧୀୟ ପୁଞ୍ଜି ବିନିଯୋଗରେ ପ୍ରତିବନ୍ଧକକୁ ଦୂର କରିବାର ଉପାୟ





ବିଷୟରେ ଆଲୋଚନା କରିଥିଲେ । ବୈଠକ ପରିସରରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା ଯେଉଁଥିରେ ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ୨୦୩୦ ବେଳକୁ ଦେଖାଯିବା ଜଳବାୟୁ ଜନିତ ସମସ୍ୟାକୁ ସମାଧାନ କରିବା ନେଇ ଆଲୋଚନା କରାଯାଇଥିଲା । ପରେ ସମସ୍ତ ପ୍ରତିନିଧିମାନଙ୍କ ଐତିହ୍ୟ ସ୍ଥାନମାନଙ୍କୁ ଭ୍ରମଣ ପାଇଁ ନିଆଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ।

## ପୂର୍ବତଟ ରେଳପଥ ପକ୍ଷରୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ -୨୦୨୩ ପାଳିତ

ଭୁବନେଶ୍ୱର,(ପି.ଏନ): ଗତକାଲି ପୂର୍ବ ତଟ ରେଳପଥ ପକ୍ଷରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥ ରେଳ ବିହାର ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାମଯାଇଛି ଯେଉଁଠାରେ ଆୟୋଜିତ ଯୋଗ ଅଭ୍ୟାସରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମାଙ୍କ ନେତୃତ୍ୱରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ଯୋଗ ଅଭ୍ୟାସରେ ଯୋଗଦାନ କରିଥିଲେ । ନିଜରଏବଂ ପରିବାର ସ୍ତରରେ ଉତ୍ତମ ସ୍ୱାସ୍ଥ୍ୟର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆନ୍ତର୍ଜାତୀୟ ଯୋଗ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଉଅଛି ଯେଉଁଥିରେ ବହୁସଂଖ୍ୟାରେ ଅଂଶଗ୍ରହଣ କରୁଛନ୍ତି ଏବଂ ଏହା ସର୍ବଭାରତୀୟ କଲ୍ୟାଣର ବାର୍ତ୍ତା ବୃଦ୍ଧି କରିବାକୁ ଯାଉଛି । ସାମୂହିକ ଶକ୍ତି ସହିତ ଏକ ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ



ସମାଜ ସୃଷ୍ଟି କରିବାରେ ଯୋଗ ମଧ୍ୟ ଯୋଗଦାନ ଦେଉଛି । ପୂର୍ବତଟ ରେଳପଥ ପରିସରରେ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ରେଳପଥର ସମସ୍ତ ରେଳ ମଣ୍ଡଳ ଅର୍ଥାତ୍ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟିୟର ଠାରେ ମଧ୍ୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନା, କୋଚିଂ ଡିପୋ ଏବଂ ବିଭିନ୍ନ ଶାଖା କାର୍ଯ୍ୟାଳୟ ପରି ଅନ୍ୟ ରେଳ ପ୍ରତିଷ୍ଠାନର କର୍ମଚାରୀ ଏବଂ ଅଧିକାରୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୩ ପାଳନ କରିଥିଲେ । ଏହି ଉତ୍ସବକୁ ଅନୁଧ୍ୟାନ କରି ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ସୂଚନା ଦେଇ କହିଛନ୍ତି ଯେ ଯୋଗ ଏକ ସୁସ୍ଥ, ଶାରୀରିକ ଏବଂ ମାନସିକ ସ୍ତରରେ ରହିବା ପାଇଁ ସର୍ବୋତ୍ତମ ଉପାୟ ଅଟେ ଏବଂ ଉନ୍ନତ ସ୍ୱାସ୍ଥ୍ୟ, ଶକ୍ତି ଏବଂ ଶାନ୍ତି ପାଇଁ ଯୋଗକୁ ନିୟମିତ ଅଭ୍ୟାସ କରିବାକୁ କର୍ମଚାରୀ ଓ ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ ।ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ର ସଦସ୍ୟ ମାନେ ମଧ୍ୟ ଏହାର ସଭାପତି ଦିବ୍ୟା ଶର୍ମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଉତ୍ସବକୁ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ଶ୍ରୀ ତୁଷାର କାନ୍ତୀ ମଣ୍ଡଳ ସଂଯୋଜନା କରିଥିଲେ ।

## ମନ, ଶରୀର ଓ ଆତ୍ମାକୁ ମିଳନ କରିଥାଏ ଯୋଗ

ଭୁବନେଶ୍ୱର,(ପି.ଏନ): ଯୋଗ ହେଉଛି ଭାରତର ପ୍ରାଚୀନ ପରମ୍ପରା । ଯୋଗ ଜୀବନର ଏକ ଧାରା । ଯାହା ମନ, ଶରୀର ଓ ଆତ୍ମାକୁ ମିଳନ କରିଥାଏ ଏବଂ ଶରୀରକୁ ସନ୍ତୁଳିତ ରଖିଥାଏ । ମନରେ ଶାନ୍ତି ଆଣିଥାଏ ଯୋଗ । ନିୟମିତ ଯୋଗ କଲେ ରୋଗରୁ ମୁକ୍ତି ମିଳିଥାଏ । ଯୋଗ ମାନବ ସମାଜ ପାଇଁ ଏକ ଅତୁଳନୀୟ ଅବଦାନ । ଆଜି ବିଶ୍ୱବ୍ୟାପୀ ଏହାକୁ ଆପଣାଇ ନେଇଛନ୍ତି । ଏକ ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗ ଶିକ୍ଷାର ଗୁରୁଦାୟିତ୍ୱ ରହିଛି । ତତ୍ ସହିତ ଏକ ସୁସ୍ଥ ଜୀବନଯାପନ ପାଇଁ ସମଗ୍ର ବିଶ୍ୱକୁ ପଥ ଦେଖାଇଛି ଯୋଗ, ବୋଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ଉପ-ମଣ୍ଡଳ ପକ୍ଷରୁ ବିଜୁ ପଟ୍ଟନାୟକ ଫରେଷ୍ଟ ପାର୍କ ପରିସର ମଧ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ । ବ୍ରହ୍ମାକୁମାରୀ ଭଉଣୀ ଲିନା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ରୂପେ ଓଡ଼ିଶା ଲୋକାୟୁକ୍ତର ସଦସ୍ୟ ଡଃ. ଦେବବ୍ରତ ସ୍ୱାଇଁ, ମୁଖ୍ୟବକ୍ତା ରୂପେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ (ଆଇ.ଏ.ଏସ୍), ସମ୍ମାନିତ ଅତିଥି ରୂପେ ସି.ଆଇ.ଏସ୍.ଏଫ୍ କମାଣ୍ଡାଣ୍ଟ ଆଲୋକ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୬୦ଜଣ ସି.ଆଇ.ଏସ୍.ଏଫ୍ ଯବାନ୍ ଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ଡଃ. ସୁବ୍ରତ ମେହେର, ବିକେ ଭଉଣୀ ମିନତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଭଉଣୀ ଲିନାଙ୍କ ଦ୍ୱାରା ରାଜଯୋଗ ଏବଂ ମୁରଲୀ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହେବା ସହ ଉପସ୍ଥିତ ଜନସାଧାରଣ ବେଶ୍ ପ୍ରଶଂସା କରିଥିଲେ ।

## ଆଶୀର୍ବାଦର 'ଅନୁଭୂତି ଭବନ' ରଥଯାତ୍ରାର ଦୃଶ୍ୟାୟନ

ପୁରୀ,(ପି.ଏନ) : ITCର ଆଶୀର୍ବାଦ (Aashirvaad) ଅଟା, ଭାରତର ୧ ନମ୍ବର ପ୍ୟାକେଜଡ ଅଟା ବ୍ରାଣ୍ଡ । ଏହା ଓଡ଼ିଶାର ବୃହତମ ବାର୍ଷିକ ଉତ୍ସବ ପୁରୀ ରଥଯାତ୍ରା ୨୦୨୩ ପାଳନ ପାଇଁ ପୁରୀରେ ପହଂଚିଛି । ଏହି ବ୍ରାଣ୍ଡ ଭକ୍ତମାନଙ୍କୁ ଏହି ମହାନ୍ ସାଂସ୍କୃତିକ ଉତ୍ସବରେ ଅନନ୍ୟ ଅନୁଭୂତି ପ୍ରଦାନ କରିବା ପାଇଁ ଅଭିନବ ଉପାୟ ଅବଲମ୍ବନ କରିବା ପାଇଁ ପରିଚିତ । ଏ ବର୍ଷ ମଧ୍ୟ ଆଶୀର୍ବାଦ (Aashirvaad) ଅଟା ତରଫରୁ ଉପସ୍ଥାପନ କରାଯାଉଛି ଏକ ସ୍ୱତନ୍ତ୍ର ଏବଂ ଅପ୍ରତୀମ ମନମୁଗ୍ଧକର '୨୭୦ ଡିଗ୍ରୀ ଦୃଶ୍ୟାୟନ ଅନୁଭୂତି' ଯାହାକି ଭକ୍ତମାନଙ୍କୁ ଓଡ଼ିଶାର ଆକର୍ଷଣୀୟ ଓ ବଳିଷ୍ଠ ସଂସ୍କୃତି ତଥା ରଥଯାତ୍ରାର ମହାନତାର ଝଲକ ଦର୍ଶାଇଥାଏ । ୯ ଦିନର ପୁରୀ ରଥଯାତ୍ରା ଉତ୍ସବ ମାଧ୍ୟମରେ ସାରା ଭାରତରୁ ଭକ୍ତ ମଣ୍ଡଳୀ ପ୍ରଭୁ ଜଗନ୍ନାଥଙ୍କର ଏହି ଘୋଷଯାତ୍ରା ଦେଖିବାକୁ ଏକାଠି ହୋଇଥାନ୍ତି । ସାରା ରାଜ୍ୟ ଉତ୍ସବର ରଙ୍ଗରେ ରଙ୍ଗୀନ ହୋଇଯାଇଥାଏ ଏବଂ ଏହି ଯାତ୍ରା ପାଇଁ ଦୃଢ଼ ଭକ୍ତି ଓ ଉତ୍ସାହର ସହ ପ୍ରସ୍ତୁତିରେ ମଗ୍ନ ହୋଇଯାଇଥାଏ । ଆଶୀର୍ବାଦ (ଇବଷ୍ୱଷସକ୍ସଙ୍ଖବବୟ) ଅଟା ବହୁ ବର୍ଷ ହେଲା ଏହି ମହାଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ଏହା ପୁରୀକୁ ଧାଇଁ ଆସୁଥିବା ଅଗଣିତ ଭକ୍ତଙ୍କୁ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିବା ପାଇଁ ସକ୍ରିୟ ଭାବରେ ସହଯୋଗ କରିଆସୁଛି । ଏ ବର୍ଷ ରଥଯାତ୍ରାର ଉତ୍ସବର ଅନୁଭୂତିକୁ ଆହୁରି ଉନ୍ନତ କରିବା ପାଇଁ ଆଶୀର୍ବାଦ ତିଆରି କରିଛନ୍ତି ଏକ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ମନମୁଗ୍ଧକର ଦୃଶ୍ୟକକ୍ଷ ଅନୁଭୂତି 'ଆଶୀର୍ବାଦ ଓଡ଼ିଶା ଅନୁଭୂତି ଭବନରେ' । ଏହି ଅବସରରେ ଏସ୍ ଗଣେଶ କୁମାର, ଏସବିୟୁଚିଫ୍ ଏକଜିକ୍ୟୁଟିଭ୍, ଷ୍ଟାପଲ୍, ସ୍ନାକ୍ସ ଏବଂ ମିଲସ୍, ଫୁଡସ୍ ବିଜନେସ୍, ଓଞ୍ଜଉଖସଙ୍କସସ୍ୱରୟ "ପୁରୀ ରଥଯାତ୍ରା ହେଉଛି ଓଡ଼ିଶାର ମହାନ୍ ଧାର୍ମିକ ପରମ୍ପରା । ଦୂରଦୂରାନ୍ତରୁ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶ ହୋଇଥାଏ । ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଆମ୍ଭେମାନେ ସମସ୍ତ ଯାତ୍ରୀଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବାକୁ ଚାହୁଁ । ଏହି ପ୍ରକାରର ପ୍ରଥମ ୨୭୦ ଡିଗ୍ରୀ ମନମୁଗ୍ଧକର ଦୃଶ୍ୟାୟନ ଅନୁଭୂତି ସହିତ ଆଶୀର୍ବାଦ ଭକ୍ତମାନଙ୍କୁ ଓଡ଼ିଶାର ମହାନ୍ ସଂସ୍କୃତିର ଅବଗାହନ ସହିତ ପ୍ରଶଂସା କରିବ ଏବଂ ସେମାନଙ୍କୁ ଏହି ଉତ୍ସବର ଭାବାବେଗପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ସ୍ମରଣୀୟ କରି ରଖିବାରେ ସାହାଯ୍ୟ କରିବ ।''ଅଂଶଗ୍ରହଣକାରୀମାନେ ଏକ ଇଂଟରଆକ୍ଟିଭ୍ ୪ ଷ୍ଟେପ୍ ଆଡଭାଂଟେଜ୍ ଗେମ୍‌ରେ ଭାଗ ନେଇ ଆଶୀର୍ବାଦ ଅନୁଭୂତି ଭବନରେ ସ୍ୱତନ୍ତ୍ର ଅନୁଭୂତି ପାଇପାରିବେ । ଏହି ଗେମ୍ ସମ୍ପୂର୍ଣ୍ଣ ହେବା ପରେ ସେମାନେ ସ୍ୱତନ୍ତ୍ର ଅନୁଭୂତି ପାଇଁ ଯୋଗ୍ୟ ହୋଇଥାନ୍ତି ଯେଉଁଠାରେ ଏକ ଆକର୍ଷଣୀୟ ୨୭୦ ଡିଗ୍ରୀ ଭିଡିଓ ଅପେକ୍ଷା କରିଥାଏ । ଆଡଭାନ୍ସଡ ମଲ୍‌ଟି-ଡିରେକ୍ସନ ଲେଜର୍ ଟେକ୍ନୋଲୋଜି ବ୍ୟବହାର କରି ଭକ୍ତମାନେ ଓଡ଼ିଶାର ବଳିଷ୍ଠ ସଂସ୍କୃତି, ସାମୁଦ୍ରିକ ବେଳାଭୂମି ଓ ପ୍ରାକୃତିକ ଦୃଶ୍ୟର ଆନିମେସନ୍ ଏକ ଭାବାବେଗପୂର୍ଣ୍ଣ ୩ ଡାଇମେନସନାଲ୍ ଉପସ୍ଥାପନ ମାଧ୍ୟମରେ ଦେଖିବାକୁ ପାଇବେ । ଆଶୀର୍ବାଦର ଟେକ୍ନୋଲୋଜି ଓ ଆଧ୍ୟାତ୍ମିକତାର ସମ୍ମେଳନରେ ପ୍ରସ୍ତୁତ ଏହି ଦୃଶ୍ୟାୟନ ରଥଯାତ୍ରାରେ ସାମିଲ୍ ହୋଇଥିବା ଭକ୍ତମାନଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିବା ସହ ଏହି ଅନୁଭୂତିକୁ ସ୍ମରଣୀୟ କରି ରଖିବ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE



●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray